## ସଂକ୍ଷେପରେ

### ଆଳି ବ୍ଲକ ବିଜେଡି ସଭାପତି ହେଲେ ସନାତନ ମିଶ୍ର

ଆଳି,୩।୮ (ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ବିଜେଡିର ଜିଲା ସଭାପତି ଉତ୍କଳ କେଶରୀ ପରିଡ଼ାଙ୍କ ଅନୁମୋଦନକ୍ରମେ ଆଳି ବ୍ଲକ ବିଜେଡି କମିଟି ଘୋଷଣା ହୋଇଛି। ଆଳି ବ୍ଲକ ବିଜେଡିର ସଭାପତି ଭାବେ ପୁନର୍ବାର ସନାତନ ମିଶ୍ର ଚୟନ ହୋଇଛନ୍ତି। ପୂର୍ବରୁ ମିଶ୍ର ଏହି ପଦବୀରେ ଥିବା ବେଳେ ଚଳିତ ଥର ତାଙ୍କୁ ସଭାପତି ଦାୟିତ୍ୱ ମିଳିଥିବାରୁ ସେ ମନ୍ତ୍ରୀ ଓ ଜିଲା ସଭାପତିଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସେହିପରି ଉପସଭାପତି ଭାବେ ଜ୍ୟୋତିରଞ୍ଜନ ଭୂୟାଁ, ମୃଣାଳକାନ୍ତ ପାଣ୍ଡବ, ରମେଶ ଚନ୍ଦ୍ର ପଣ୍ଡା, ନିଖିଳ ସାମଲ, ଶେଖର ବାରିକଙ୍କୁ ଚୟନ କରାଯାଇଛି। ସାଧାରଣ ସମ୍ପାଦକ ଭାବେ ରତ୍ନକାନ୍ତ ନାୟକ, ପ୍ରକାଶ ନାୟକ, ଅଚ୍ୟୁତାନନ୍ଦ ସ୍ୱାଇଁ, ବିଜୟ ବିହାରୀ ପରିଡା, ଅବଦୁଲ କାଦର ଖାନ ମନୋନୀତ ହୋଇଛନ୍ତି। ସମ୍ପାଦକ ଭାବେ କାର୍ତ୍ତିକ ଜେନା, ଯଶୋବନ୍ତ ନାରାୟଣ ନାୟକ, ଶିବ ପ୍ରସାଦ ବେହେରା, ନଟବର ସ୍ୱାଇଁ, ମୀନକେତନ ପାତ୍ର, ରାମଚନ୍ଦ୍ର ଦାସ, ଜଗଦୀଶ ତରାଇ, ବିଚିତ୍ର ବିଳାସ, ଚକ୍ରଧର ପରିଡ଼ା, ସୁଧାକର ପରିଡ଼ାଙ୍କୁ ଦାୟିତ୍ୱ ମିଳିଥିବା ବେଳେ ହେମନ୍ତ ବେହେରାଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଥିବା ସୂଚନା ମିଳିଛି।



### ମଦ ବିକ୍ରି ଅଭିଯୋଗରେ ୨ ଗିରଫ

ମାର୍ଶାଘାଇ,୩।୮ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ଥାନା ପୋଲିସ ବୁଧବାର ରାତିରେ ଚୋରା ମଦ ବିକ୍ରି କରୁଥିବା ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିବା ସହ ମଦ ଜବତ କରିଛି। ରାତିରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ସ୍ଥାନୀୟ କେନାଲ ବ୍ରିଜ ଛକ ନିକଟରେ ଚୋରା ମଦ ବିକ୍ରି ହେଉଥିବା ନେଇ ଖବର ପାଇ ଚଢ଼ାଉ କରିଥିଲା। ଥାନା ଅନ୍ତର୍ଗତ ତୁଳସୀପୁର ଗାଁର ବିକାଶ ସାହୁଙ୍କଠାରୁ ୨୦ ବୋତଲ ବିଦେଶୀ ମଦ, ସଞ୍ଜୟ କୁମାର ସ୍ୱାଇଁଙ୍କଠାରୁ କେନାଲ ବ୍ରିଜ ଛକରେ ୧୫ ବୋତଲ ଆସ୍କା ଫର୍ଟି ମଦ ବିକ୍ରି କରୁଥିବା ବେଳେ ପୋଲିସ ଚଢ଼ାଉ କରି ତାଙ୍କୁ ଧରିବା ସହ ମଦ ଜବତ କରିଛି। ଏ ନେଇ ଥାନାରେ ନଂ. ୪୪୫/୨୩, ୪୪୬/୨୩ରେ ମାମଲା ରୁଜୁ କରାଯାଇ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଭିତରକନିକା ରାସ୍ତା କାମ ବନ୍ଦ, ପର୍ଯ୍ୟଟକ ହୀନସ୍ତା

ରାଜନଗର, ୩।୮ (ଭାସ୍କର ରାଉତରାୟ)

ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟଉଦ୍ୟାନକୁ ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ଗତ ମଙ୍ଗଳବାର ଖୋଲିଛି। ୩ ମାସ ଧରି ଭିତରକନିକା କୁମ୍ଭୀର ପ୍ରଜନନ ନିମନ୍ତେ ବନ୍ଦ ରହିବା ପରେ ଖୋଲି ଥିବାରୁ ଉତ୍ସାହର ସହ ପର୍ଯ୍ୟଟକମାନେ ଭିତରକନିକା ପରିଭ୍ରମଣରେ ଆସୁଛନ୍ତି। ମାତ୍ର ଭିତରକନିକା ଜାତୀୟଉଦ୍ୟାନକୁ ଆସିବାକୁ ଥିବା ଏକମାତ୍ର ସ୍ଥଳପଥ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଏହି ରାସ୍ତା ନିର୍ମାଣ କାମ ଆରମ୍ଭ କରି ଦେଇ ଅଧାପନ୍ତରିଆ ଭାବେ ରାସ୍ତା ଛାଡି ଠିକାଦାରପଳାଇ ଯାଇଛନ୍ତି।

ସୂଚନା ମୁତାବକ, ଦେଶ ବିଦେଶର ପର୍ଯ୍ୟଟକ ଭିତରକନିକା ଆସିବାକୁ ହେଲେ ଏକମାତ୍ର ସ୍ଥଳପଥରେ ରାସ୍ତା ରହିଛି। ରାଜନଗରରୁ ଡାଙ୍ଗମାଳ ଭାୟା ନଳିତାପାଟିଆ ଦେଇ ପର୍ଯ୍ୟଟକମାନେ ଭିତରକନିକାକୁ ଆସିଥାନ୍ତି। ଏହି ରାସ୍ତାର ଖୋଳାରୁ ଡାଙ୍ଗମାଳ ଭାୟା ନଳିତାପାଟିଆ ୧୦ କିମି ରାସ୍ତାର ଉନ୍ନତୀକରଣ ନିମନ୍ତେ



ଭିତରକନିକାକୁ ସଂଯୋଗ କରୁଥିବା ରାସ୍ତାରେ ପାଣି।



ଠିକାଦାର ରାସ୍ତା କାମ ଅଧା କରି ଛାଡି ପଳାଇ ଯାଇଛନ୍ତି।

୧୩ କୋଟି ୩୩ ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା ଚଉଡା ସହ ପିଚୁ ଓ ଢଳେଇ ରାସ୍ତା କରିବାକୁ ଠିକାଦାର ନିଯୁକ୍ତି କରାଯାଇଛି। ୩୧ ମାର୍ଚ୍ଚ ୨୦୨୪ ସୁଦ୍ଧା ଏହି କାମ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ୪ ମାସ ତଳୁ ଠିକାଦାର ଭିତରକନିକା ଜାତୀୟ ଉଦ୍ୟାନର ଫାଟକଠାରୁ ମା'ଜୟଦୁର୍ଗାଙ୍କ ମୁଖ୍ୟ ଫାଟକ ଯାଏଁ ରାସ୍ତାର ଢଳେଇ କାମ ଆରମ୍ଭ କରିଥିଲେ। ଏହି ଅଧ କିଲୋମିଟର ରାସ୍ତାର ୨ ପାର୍ଶ୍ୱରେ ୩ ଫୁଟ ଲେଖାଏ ପ୍ରଶସ୍ତିକରଣ ସହିତ ରାସ୍ତା ଢଳେଇ କରିବାକୁ ଏଷ୍ଟିମେଣ୍ଟରେ ବ୍ୟୟ ବରାଦ ରହିଛି। ୪ମାସ ତଳେ ଠିକାଦାର ଜାତୀୟ ଉଦ୍ୟାନର ମୁଖ୍ୟ ଫାଟକ ନିକଟରୁ କାମ ଆରମ୍ଭ କରିଥିଲେ। ଏହି ୫ ଶହ ମିଟର ରାସ୍ତା ମଧ୍ୟରୁ ମାତ୍ର ୪୦ ପ୍ରତିଶତ କାମ କରି ଢଳେଇ ରାସ୍ତାରେ ରଡ଼ ବାହାରି ଥିବା ଅବସ୍ଥାରେ କାମ ଅଧା କରି ଠିକାଦାର ଛୁ' ମାରିଛନ୍ତି। ଦୀର୍ଘ ଅଢେଇମାସ ହେଲା ଏହି ରାସ୍ତାକାମ ବନ୍ଦ ରହିଛି। ଏହି ରାସ୍ତା ଉପରେ ନିର୍ଭର କରୁଥିବା ଡାଙ୍ଗମାଳ ପଞ୍ଚାୟତବାସୀ ହୀନସ୍ତା ହେଉଥିବା ବେଳେ ଏବେ ପର୍ଯ୍ୟଟକମାନେ ନାହିଁ ନ ଥିବା ହୀନସ୍ତାର ଶିକାର ହେଉଛନ୍ତି। ଠିକାଦାର କେଉଁଠି ରାସ୍ତା ଖୋଲି ଦେଇଛନ୍ତି ତ, ଆଉ କେଉଁଠି ଗୋଟିଏ ପାର୍ଶ୍ୱରେ ଢଳେଇ କରି ଆର ପାର୍ଶ୍ୱକୁ ଖାଲୁଆ କରି ଛାଡ଼ି ଦେଇଛନ୍ତି। ପରିସ୍ଥିତି ଏପରି ହୋଇଛି, ମୁଖ୍ୟ ଫାଟକ ଯାଏଁ ପର୍ଯ୍ୟଟକଙ୍କ ଗାଡ଼ି ଯାଇପାରୁନି। କେବଳ ସେତିକି ନୁହେଁ, ଖୋଳାରୁ ଡାଙ୍ଗମାଳ ରାସ୍ତାରେ ଏବେ ଯାତାୟାତ କରିହେଉନି। ଖାଲ ଢିପରେ ଏହି ରାସ୍ତା ଭରି ଯାଇଥିଲେ ମଧ ଠିକାଦାର କାମ ନ କରି ପଳାଇ ଯିବାରୁ ରାଜନଗରବାସୀ ହୀନସ୍ତା ଭୋଗୁଛନ୍ତି। ଏହି ରାସ୍ତା ଉପରେ ଖମାରସାହି, ଈଶ୍ୱରପୁର, ଡାଙ୍ଗମାଳ, କୃଷ୍ଣନଗର, ତାଳଚୁଆ, ବାଘମାରି, କେରୁଆଁପାଳ ଓ ରଙ୍ଗଣୀ ପଞ୍ଚାୟତବାସୀ ନିର୍ଭରଶୀଳ। ୮ ପଞ୍ଚାୟତବାସୀଙ୍କ ଏହା ବ୍ଲକ ମୁଖ୍ୟାଳୟକୁ ଯୋଗାଯୋଗ କରିବାର ଏକମାତ୍ର ରାସ୍ତା। ଏ ସମ୍ପର୍କରେ ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ରାସ୍ତା ଓ କୋଠାବାଡି ସବ୍‌ଡିଭିଜନର ସହକାରୀ ନିର୍ବାହୀଯନ୍ତ୍ରୀ ନଟବର ପ୍ରଧାନଙ୍କୁ ପଚାରିବାରୁ ଠିକାଦାର କାମ ଅଧା କରି ପଳାଇଛନ୍ତି। ଠିକାଦାରଙ୍କୁ ଚିଠି ଦେଲେ ମଧ ସେ ଚିଠି ରିସିଭ କରୁନାହାନ୍ତି। ଏ ନେଇ ପଦକ୍ଷେପ ନିଆଯାଉଛି ବୋଲି ସେ କହିଛନ୍ତି।

# ଆଜି ସକାଳ ସୁଦ୍ଧା ୨୧୪୫ ଲୋକଙ୍କୁ ସ୍ଥାନାନ୍ତର କରାଯିବ



ପ୍ରସ୍ତୁତି ବୈଠକରେ ବିଧାୟକଙ୍କ ପ୍ରତିନିଧି ସଞ୍ଜୟ ଅଗ୍ରୱାଲଙ୍କ ସହ ଅନ୍ୟମାନେ।



ପାଟକୁରା ନିକଟରେ ଚିତ୍ରୋତ୍ପଳା ନଦୀରେ ବନ୍ୟା ଜଳ ବୃଦ୍ଧି ପାଇଛି।

ପାଟକୁରା,୩।୮ (ରବୀନ୍ଦ୍ରନାଥ ବାରିକ)

**ସମ୍ଭାବ୍ୟ ବନ୍ୟା ପରିସ୍ଥିତି ପାଇଁ ଗରଦପୁର ବ୍ଲକରେ ପ୍ରସ୍ତୁତି ବୈଠକ**

ପାଟକୁରା ଅଞ୍ଚଳ ଦେଇ ପ୍ରବାହିତ ହେଉଥିବା ଚିତ୍ରୋତ୍ପଳା,ପାଇକା, ଲୁଣା ନଦୀରେ ବନ୍ୟା ଜଳ ବୃଦ୍ଧି ପାଉଥିବାରୁ ନଦୀ କୂଳିଆ ଗ୍ରାମଗୁଡ଼ିକ ଲୋକମାନଙ୍କ ମନରେ ଛନକା ପଶିଯାଇଛି। ସାମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ନଜର ରଖି ଗରଦପୁର ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ଧର୍ମରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ବସିଥିଲା। ଏଥିରେ ପାଟକୁରା ବିଧାୟକଙ୍କ ପ୍ରତିନିଧି ସଞ୍ଜୟ ଅଗ୍ରୱାଲ, ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀ, ଜିପିଓ ମୃଣୟ ରାଉତ, ସିଡିପିଓ, ଅଗ୍ନିଶମ ବିଭାଗର କର୍ମଚାରୀମାନେ ଏଥିରେ ସାମିଲ ହୋଇଥିଲେ। ଶୁକ୍ରବାର ସକାଳ ସୁଦ୍ଧା ୨୧୪୫ ଲୋକଙ୍କୁ ସ୍ଥାନାନ୍ତର କରାଯିବ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବ୍ଲକର ନଦୀ ଘେର ମଧ୍ୟରେ ଥିବା ସାନ ନୟନପୁର ୨୦୦ ଘର ପାଇଁ ବିଷ୍ଣୁପ୍ରିୟା ପ୍ରାଥମିକ ବିଦ୍ୟାଳୟକୁ ବନ୍ୟା ଆଶ୍ରୟ ସ୍ଥଳ ଭାବେ ସ୍ଥିର କରାଯାଇଛି। ସାନସଲାର ଗ୍ରାମ ର ୧୯୦ ଘର ପାଇଁ ସଠିଲୋ ଗ୍ରାମ ଗୋପବନ୍ଧୁ ଉଚ୍ଚ ବିଦ୍ୟାପୀଠ, ହୁରାସାହିର ୧୬ ଘର ପାଇଁ ହୁରାସାହି ବାଳିକା ବିଦ୍ୟାଳୟ, ବିଟଣା ନୂଆପଡ଼ା ପାଇଁ ବିଟଣା ପ୍ରାଥମିକ ବିଦ୍ୟାଳୟକୁ ବନ୍ୟା ଆଶ୍ରୟ ସ୍ଥଳ ଭାବେ ଚିହ୍ନଟ କରାଯାଇଛି। ଏସବୁ ଶିବିରରେ ବନ୍ୟା ବିପନ୍ନମାନଙ୍କୁ ମାଗଣାରେ ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯିବ ବୋଲି ସାମାଜିକ ସୁରକ୍ଷା ଅଧିକାରୀ ସେଠୀ ସୂଚନା ଦେଇଛନ୍ତି।

# ଡକାୟତି ଯୋଜନା ପଣ୍ଡକଲା ପୋଲିସ

ଡେରାବିଶ,୩।୮ (ବେବର୍ତ୍ତା ଅଜୟ ଦାସ)

**୨ ଡକାୟତ ଗିରଫ, ୫ ଫେରାର**

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଡେରାବିଶ ବ୍ଲକ ଗୁଆଲସିଂସ୍ଥିତ ମା' ପାଟସାମୁଲେଇଙ୍କ ପୀଠ ନିକଟରେ ଏକ ନିରୋଳା ସ୍ଥାନରେ ବୁଧବାର ବିଳମ୍ବିତ ରାତିରେ ଡକାୟତି ଯୋଜନାକୁ ପୋଲିସ ପଣ୍ଡ କରି ଦେଇଛି। ୨ ଜଣ ଡକାୟତଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ ୫ ଜଣ ଘଟଣାସ୍ଥଳରୁ ଫେରାର ହୋଇଯିବାରେ ସକ୍ଷମ ହୋଇଥିଲେ ବୋଲି ତଦନ୍ତକାରୀ ଅଧିକାରୀ ସଦର ଥାନା ଏସ୍‌ଆଇ ପ୍ରତାପ ଚନ୍ଦ୍ର ରଥ ସୂଚନା ଦେଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଏଏସ୍‌ଆଇ ଗୋବିନ୍ଦ ଦଳାଇ, ମାମି ଦେଇଙ୍କ ନେତୃତ୍ୱରେ ହାବିଲଦାର ପଦ୍ମନାଭ ଜେନା ଓ ଅନ୍ୟ ପୋଲିସ ପାଟ୍ରୋଲିଂ କରୁଥିଲେ। ତେବେ ଠାକୁରହାଟ-ଦୁହୁରିଆ ରାସ୍ତାରେ ପାଟ୍ରୋଲିଂ କରୁଥିବା ବେଳେ ମା' ପାଟସମୁଲେଇଙ୍କ ପୀଠ ନିକଟରେ କେତେଜଣ ବ୍ୟକ୍ତି ଏକାଠି ବସିଥିବା ପୋଲିସ ଦେଖିବାକୁ ପାଇଥିଲା। ପୋଲିସ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ଉପରେ ଚଢ଼ାଉ କରିବା ବେଳେ ସେମାନେ କୌଣସି ଏକ ସ୍ଥାନରେ ଡକାୟତି ଯୋଜନା କରୁଥିବା ଜାଣିବାକୁ ପାଇଥିଲେ। ପୋଲିସକୁ ଦେଖି ଅନ୍ଧାର ରାତିରେ ୫ ଜଣ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ୨ଜଣ ଡକାୟତଙ୍କୁ ପୋଲିସ ଗିରଫ କରିବାରେ ସକ୍ଷମ ହୋଇଥିଲା। ଗିରଫ ଅଭିଯୁକ୍ତ ହେଲେ ଗୁଆଲସିଂ ପଞ୍ଚାୟତ ମିର୍ଜାପାଟଣା ଗ୍ରାମର ଶେଖ୍ ଲୋକମାନ ଓରଫ ମୁନା ଓ କେନ୍ଦ୍ରାପଡ଼ା ବ୍ଲକ କପାଳେଶ୍ୱର ଗ୍ରାମର କ୍ଷୀରୋଦ ମଲିକ ଓରଫ ମୁନା। ଏ ନେଇ ଥାନାରେ ନଂ. ୫୬୪/୨୩ରେ ମାମଲା ରୁଜୁ ହୋଇଛି। ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ତନାଘନା ଜାରି ରହିଛି। ଗିରଫ ୨ ଡକାୟତଙ୍କୁ ଗୁରୁବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ରଥ ସୂଚନା ଦେଇଛିନ୍ତି। ପାଟ୍ରୋଲିଂକୁ ଥାନା ଅଞ୍ଚଳରେ କଡ଼ାକଡ଼ି କରାଯାଉଥିବା ଥାନା ଅଧିକାରୀ ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି।

# ନିଟ୍ କୃତକାର୍ଯ୍ୟ ଛାତ୍ରଙ୍କୁ ସମ୍ବର୍ଦ୍ଧନା



ରାଜନଗର, ୩।୮ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ବନ୍ଧପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିଟ୍ ପରୀକ୍ଷାରେ ସଫଳତା ହାସଲ କରିଥିବା ବିଦ୍ୟାଳୟର ପୁରାତନ ଛାତ୍ର ବିଶ୍ୱରଞ୍ଜନ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନ ଶିକ୍ଷକ ଦାମୋଦର ସ୍ୱାଇଁ, ହେମନ୍ତ କୁମାର ରାଉତ, ସହକାରୀ ଶିକ୍ଷକ ପ୍ରସନ୍ନ କୁମାର ପ୍ରତିହାରୀ, ପୁଷ୍ପାଞ୍ଜଳି ପାତ୍ର ପ୍ରମୁଖ ପୁରାତନ କୃତୀ ଛାତ୍ର ବିଶ୍ୱରଞ୍ଜନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟ ପାଇଁ ସେ ଗୌରବ ଆଣିଥିବାରୁ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ।

# ଅଭିଯୁକ୍ତ ଶିକ୍ଷକ, ସହଯୋଗୀଙ୍କୁ କୋର୍ଟ ଚାଲାଣ

କେନ୍ଦ୍ରାପଡ଼ା,୩।୮ (ଜଗନ୍ନାଥ ଧଳ)

**ରାସ୍ତାରୁ ଛାତ୍ରୀଙ୍କଠାରୁ ମୋବାଇଲ୍ ଲୁଟ୍ ଘଟଣା**

ରାଜକନିକା ଥାନା ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟରୁ ଅଧ୍ୟୟନ ସାରି ଭାରିଗଦା କେଶନଗର ଗାଁର ଶୁଭସ୍ମିତା ସାହୁ ଓ ତାଙ୍କ ସାଙ୍ଗ ଗୀତାଞ୍ଜଳି ସାଥୀ ହୋଇ ସାଇକେଲ ଯୋଗେ ଜୁଲାଇ ୩୧ ତାରିଖ ଖରାବେଳେ ଘରକୁ ଫେରୁଥିଲେ। ରାଜ୍ୟ ରାଜପଥ-୯ କଟକ-ଚାନ୍ଦବାଲି ରାସ୍ତାର ଗଞ୍ଜା-ଅଚ୍ୟୁତପୁର ମଝି ରାସ୍ତାରେ ଆଗରୁ ଜଗି ରହିଥିବା ୨ ଜଣ ଅଚିହ୍ନା ଯୁବକ ଅଚାନକ ଏକ ବାଇକ୍‌ରେ ସାଇକେଲ ପଛପଟୁ ଆସି କେନ୍ଦ୍ରାପଡ଼ା ଆଉ କେତେବାଟ ବୋଲି ପଚାରି ଥିଲେ। ଶୁଭସ୍ମିତା ଅନ୍ୟ ମନସ୍କ ହୋଇ ତାଙ୍କୁ ରାସ୍ତା କହୁଥିବା ସମୟରେ ସାଇକେଲ ଆଗରେ ଲାଗିଥିବା ବାସ୍କେଟରେ ତାଙ୍କ କଲେଜ ବ୍ୟାଗ ନେଇ ଫେରାର ହୋଇ ଯାଇଥିଲେ। କୌଶଳକ୍ରମେ ଉପସ୍ଥିତ ବୁଦ୍ଧି ଖଟାଇ କେହି ଜଣେ ସ୍ଥାନୀୟ ପିଲା ଲୁଟେରାଙ୍କ ବାଇକ୍‌ର ଫଟୋ ଉଠାଇଥିଲେ। ସେହି ଫଟୋକୁ ପୋଲିସକୁ ଦେଇଥିଲେ। ପରେ ଉକ୍ତ ଫଟୋରେ ଥିବା ଗାଡି ନମ୍ବରକୁ ଯାଞ୍ଚ କରି ପୋଲିସ ପ୍ରଥମେ ରାଜନ ସିଂ ଓରଫ ରାଜୁଙ୍କୁ ଧରିବା ପରେ ମୋବାଇଲ ଟ୍ରାକିଂର ସାହାଯ୍ୟରେ ଅନ୍ୟଜଣେ ଅଭିଯୁକ୍ତ ଉତ୍ତମ ଦାସଙ୍କୁ ଧରିବାରେ ସଫଳ ହୋଇଥିଲା। ତେବେ ଯାଞ୍ଚରୁ ଜଣାପଡିଥିଲା କି ଉତ୍ତମ ଦାସ ଜଣେ ହାଇସ୍କୁଲ ଶିକ୍ଷକ। ଉଭୟଙ୍କ ଘର ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ନୟାହାଟ ଅଞ୍ଚଳର ବୋଲି ପୋଲିସ ସୂଚନା ଦେଇଛି। ସେମାନଙ୍କ ନିକଟରୁ ଶୁଭସ୍ମିତାଙ୍କ ବ୍ୟାଗ ଓ ସେଥିରେ ଥିବା ପାଠ୍ୟ ପୁସ୍ତକ, ମୋବାଇଲ ଓ ୫ଶହ ଟଙ୍କା ସହ ଲୁଟରେ ବ୍ୟବହୃତ ବାଇକ୍ ନଂ. ଓଡି ୨୨ ଭି ୧୮୪୭କୁ ଜବତ କରାଯାଇଛି। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଦିଲୀପ କୁମାର ଧଳ ସୂଚନା ଦେଇଛନ୍ତି। ତେବେ ରାଜକନିକା ଅଞ୍ଚଳରେ ଏମିତି ଅନେକ ଚୋରି, ଛିନତାଇ, ଲୁଟ୍ ଭଳି ଆପରାଧିକ କାର୍ଯ୍ୟ ଓ ରାତିଅଧିଆ କୋଇଲା ଚୋରା ଚାଲାଣ କାୟାବିସ୍ତାର କରିବାରେ ଲଗିଛି। ଏଥିପ୍ରତି ପୋଲିସ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ବ୍ଲକସ୍ତରୀୟ ନିଯୁକ୍ତିଭିତ୍ତିକ ତାଲିମ କାର୍ଯ୍ୟକ୍ରମ



ମାର୍ଶାଘାଇ, ୩।୮ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲା ପ୍ରଶାସନ କେନ୍ଦ୍ରାପଡ଼ାର ମିଳିତ ଆନୁକୂଲ୍ୟରେ ବ୍ଲକସ୍ତରୀୟ ନିଯୁକ୍ତିଭିତ୍ତିକ ତାଲିମ କାର୍ଯ୍ୟକ୍ରମ ବ୍ଲକ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଉମାଶଙ୍କର ବେହେରା, ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ଜିଲା ନିଯୋଜନ ଅଧିକାରୀ ଘନଶ୍ୟାମ ସା, ଉପାଧ୍ୟକ୍ଷା ଉର୍ମିଳା ମହାନ୍ତି ଯୋଗଦେଇ ଶିବିରରେ ଉପସ୍ଥିତ ଯୁବତୀଯୁବକମାନଙ୍କୁ ବିଭିନ୍ନ ପରାମର୍ଶ ପ୍ରଦାନ କରିଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ୧୮ରୁ ୩୫ବର୍ଷର ୩୨୫ଜଣ ବେକାର ଯୁବତୀଯୁବକ ନାମ ପଞ୍ଜୀକରଣ କରିଥିଲେ। ସେଥିରୁ ୨୭୫ ପ୍ରଶିକ୍ଷଣ ପାଇଁ ମନୋନୀତ ହୋଇଥିଲେ। ୭ଗୋଟି ପ୍ରୋଜେକ୍ଟ ଏମ୍ପ୍ଲିମେଶନ ଏଜେନ୍ସି ଯଥା ଏଲ୍‌ଆଣ୍ଡଟି, ସିପେଟ, ସାଇ ଏକ୍ସପର୍ଟ, ୱାଜିର, ଗ୍ରାମ ତରଙ୍ଗ ଓ ଆକମେ ଇଣ୍ଡିଆର କର୍ମଚାରୀମାନେ ଯୋଗଦେଇ ସହାୟତା ପ୍ରଦାନ କରିଥିଲେ। ଏହି ଅବସରରେ ଓସିଏସ୍ ପାଇଥିବା ବ୍ରଜେନ୍ଦ୍ର ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ବ୍ଲକ ମିଶନ ଶକ୍ତିର ସଂଯୋଜକ ବିକାଶ ମହାନ୍ତି, ଓଡ଼ିଶା ଜୀବିକା ମିଶନର ବିଜ୍ଞାନ ସେନାପତି ଓ ରତ୍ନମଞ୍ଜରୀ ବାରିକ ଉପସ୍ଥିତ ଥିଲେ।

# ସମ୍ଭାବ୍ୟ ବନ୍ୟାକୁ ନେଇ ସମୀକ୍ଷା ବୈଠକ



ମାର୍ଶାଘାଇ ବ୍ଲକ ପ୍ରଶାସନ ପକ୍ଷରୁ ବନ୍ୟାକୁ ନେଇ ଅନୁଷ୍ଠିତ ବୈଠକରେ ପ୍ରଶାସନିକ ଅଧିକାରୀମାନେ।

ମାର୍ଶାଘାଇ, ୩।୮ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ ଭିସି ହଲ୍‌ରେ ମହାନଦୀ ସିଷ୍ଟମରେ ଆସୁଥିବା ମଧ୍ୟମ ଧରଣର ବନ୍ୟାକୁ ନେଇ ଏକ ସମୀକ୍ଷା ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡ଼ା ଉପଜିଲାପାଳ ନିରଞ୍ଜନ ବେହେରା, ବିଡିଓ ଉମାଶଙ୍କର ବେହେରା, ତହସିଲଦାର ଶ୍ରୀକାନ୍ତ ପରିଜା, ଅତିରିକ୍ତ ତହସିଲଦାର ଅଶୋକ କୁମାର ବେହେରା ଯୋଗଦେଇ ନଦୀକୂଳିଆ ଲୋକଙ୍କୁ ସ୍ଥାନାନ୍ତର, ବାତ୍ୟା ଆଶ୍ରୟସ୍ଥଳକୁ ଖୋଲା ରଖିବା, ଜେନେରେଟର ବ୍ୟବସ୍ଥା କରାଯିବା, ଗୃହପାଳିତ ପଶୁଙ୍କୁ ଦାନା ତଥା ଟିକା କରଣ, ରିଲିଫ ସାମଗ୍ରୀ ମହଜୁଦ, ନଦୀ ବନ୍ଧ ଅବସ୍ଥା ଉପରେ ବିଭାଗୀୟ ଯନ୍ତ୍ରୀମାନଙ୍କ ସହ ଆଲୋଚନା, ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ, ଶିଶୁଖାଦ୍ୟ, ଯୋଗାଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସମସ୍ତ ବିଭାଗୀୟ ଅଧିକାରୀ ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବାକୁ ପରାମର୍ଶ ଦିଆଯାଇଥିଲା। ଏଥିରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସଭ୍ୟ, ସିଡିପିଓ, ପ୍ରାଣୀ ଚିକିତ୍ସା ଅଧିକାରୀ, ଯୋଗାଣ ଅଧିକାରୀ, ଅଗ୍ନିଶମ ଅଧିକାରୀଙ୍କ ସମେତ ଲାଇନ ଡିପାର୍ଟମେଣ୍ଟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ନିର୍ମାଣାଧୀନ ଅଙ୍ଗନୱାଡି କେନ୍ଦ୍ର କାନ୍ଥ ଭୁଶୁଡ଼ିଲା

ପଟ୍ଟାମୁଣ୍ଡାଇ,୩।୮ (ଅକ୍ଷୟ ବିଶ୍ୱାଳ)

ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ୱାର୍ଡ ନଂ. ୮ରେର ନିର୍ମାଣାଧୀନ ଏକ ଅଙ୍ଗନୱାଡି କେନ୍ଦ୍ରର ଗୋଟିଏ ପାର୍ଶ୍ୱ କାନ୍ଥ ଭୁଶୁଡି ପଡ଼ିଛି। ଅଙ୍ଗନୱାଡି କେନ୍ଦ୍ରର ନିର୍ମାଣ ପାଇଁ ୭ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। କିନ୍ତୁ ନିମ୍ନମାନର କାମ ଯୋଗୁ କାନ୍ଥଟି ଭୁଶୁଡି ପଡିଛି। ଏହି କାର୍ଯ୍ୟ ପଟ୍ଟାମୁଣ୍ଡାଇ ବ୍ଲକର ଜଣେ କନିଷ୍ଠ ଯନ୍ତ୍ରୀଙ୍କ ନାମରେ ଥିବା ଜଣାପଡିଛି। ଏ ସମ୍ପର୍କରେ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରାସାଦ ଗିରିଙ୍କୁ ପଚାରିବାରୁ ଅଙ୍ଗନୱାଡି କାନ୍ଥ ଭୁଶୁଡ଼ିବା ନେଇ କିଛି ଜାଣିନାହିଁ। ତେବେ ବୈଷୟିକ କମିଟି ଦ୍ୱାରା ଯାଞ୍ଚ କରାଯାଇ ଦୋଷୀମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ତେବେ କାର୍ଯ୍ୟ ଆରମ୍ଭରୁ



ନିର୍ମାଣାଧୀନ କାନ୍ଥ ଭୁଶୁଡ଼ି ପଡ଼ିଛି।

ନିମ୍ନମାନର କାମ ହେଉଥିବା ନେଇ ଅଭିଯୋଗ ହୋଇ ଆସୁଥିଲେ ମଧ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ କର୍ଣ୍ଣପାତ ନ କରି କାମ ଚାଲୁ ରଖୁଥିଲେ। ଡିପିସି ପର୍ଯ୍ୟନ୍ତ କାନ୍ଥ ଉଠି ସାରିଥିଲା। ଡିପିସି ପକାଯିବା ପୂର୍ବରୁ ଏହାର କାନ୍ଥ ହଠାତ ଭୁଶୁଡ଼ି ପଡ଼ିଛି। ଅଙ୍ଗନୱାଡି ଗୃହ ନିର୍ମାଣରେ ଅନଭିଜ୍ଞ ଠିକାଦାରଙ୍କୁ କାମ ପ୍ରଦାନ ନ କରାଯିବା ଫଳରେ ଏଭଳି ଘଟିଲା ବୋଲି ଚର୍ଚ୍ଚା ହୋଉଛି। ଅଙ୍ଗନୱାଡ଼ି କେନ୍ଦ୍ରର ନିର୍ମାଣାଧୀନ ଘରେ ୧୧ଟି ପିଲାର୍ ରହିଥିବା ବେଳେ ଲାଗିଥିବା ୧୨ ଏମ୍‌ଏମ୍ ରଡ୍ ନିମ୍ନମାନର ବୋଲି ଅଭିଯୋଗ ହୋଇଛି। ତେବେ ନିର୍ମାଣ ଚାଲିଥିବା ବେଳେ ଅଙ୍ଗନୱାଡି କେନ୍ଦ୍ର କାନ୍ଥ ଭୁଶୁଡ଼ି ପଡ଼ିବା ଘଟଣାର ଭିଜିଲାନ୍ସ ତଦନ୍ତ କରାଯିବାକୁ ପୂର୍ବତନ କାଉନସିଲର ପ୍ରଭାତ କୁମାର ପଣ୍ଡା, ଯୁବ ନେତା ଦିବ୍ୟକାନ୍ତ ବିଶ୍ୱାଳ, ସ୍ମୃତିରଞ୍ଜନ ବିଶ୍ୱାଳ ପ୍ରମୁଖ ଦାବି କରିଛନ୍ତି।

# ମାଗଣା ଫସଲ ବୀମା ପଞ୍ଜୀକରଣ ଫାର୍ସ

- ପଞ୍ଜୀକରଣ ପାଇଁ ଚାଷୀ ଖର୍ଚ୍ଚ କରୁଛି ୧୦୦ରୁ ୨୫୦ ଟଙ୍କା
- ସଚେତନତା ନ ଥିବାରୁ ବଢୁନି ଚାଷୀ ପଞ୍ଜୀକରଣ
- ଋଣୀ ଚାଷୀଙ୍କୁ ପଞ୍ଜୀକରଣ କରିବାକୁ ବ୍ୟାଙ୍କ ଦେଉଛି ଗୁରୁତ୍ୱ
- ଅଣଋଣୀ ଚାଷୀ ପାଇଁ ବୀମା ଅପହଞ୍ଚ
- ୬୮୬ରୁ ୩୭୨ କମନ ସର୍ଭିସ ସେଣ୍ଟର କାମ କରୁନି
- ରଥ ବୁଲାଇ ବାହାବା ନେଇପାରୁନି ବୀମା କମ୍ପାନୀ
- ୫ରେ ଶେଷ ହେବ ପଞ୍ଜୀକରଣ ଅବଧି

ନୟାଗଡ଼,୩।୮ (ଲୋକନାଥ ମିଶ୍ର)

ପ୍ରଧାନମନ୍ତ୍ରୀ ଫସଲ ବୀମା ପଞ୍ଜୀକରଣ ଅବଧି ଅଗଷ୍ଟ ୫ ରହିଥିବାବେଳେ ଅଗଷ୍ଟ ୪ ସୁଦ୍ଧା ଚାଷୀ ପଞ୍ଜୀକରଣ ନେଇ ଅବଗତ ନ ଥିବା ଅଭିଯୋଗ ହୋଇ ଆସୁଛି। ବିଶେଷ କରି ଅଣଋଣୀ ଚାଷୀ ପାଇଁ ବୀମା ଅପହଞ୍ଚ ହୋଇ ରହିଛି। ବୀମା କମ୍ପାନୀ ଓ ସରକାର ୨ ହେକ୍ଟର ପର୍ଯ୍ୟନ୍ତ ପଞ୍ଜୀକରଣକୁ ମାଗଣା ବୋଲି ଡିଣ୍ଡିମ ପିଟୁଛନ୍ତି। ତେବେ ଚାଷୀ ପଞ୍ଜୀକରଣ କଲେ ୧୦୦ରୁ ୨୫୦ ଟଙ୍କା ଖର୍ଚ୍ଚ ଦେବାକୁ ପଡୁଛି। ବୀମା ମାଗଣା ଓ ସୁବିଧା ଯୁକ୍ତ ଶୁଣିବାକୁ କେହି ନାହାନ୍ତି। ବରଂ ଉତ୍ତର ମିଳୁଛି ସରକାରଙ୍କ ପାଖକୁ ଗଲେ ମାଗଣା ହୋଇ ଯିବ। ଗ୍ରାଉଣ୍ଡ ଜିରୋ ସ୍ଥିତିକୁ କେହି ପରଖୁ ନ ଥିବାରୁ ଚାଷୀ ଭାଗ୍ୟକୁ ଆଦରି ପଡି ରହିଛି। ଅନ୍ୟପକ୍ଷେ ଚାଷୀ ପଞ୍ଜୀକରଣ ପାଇଁ ଜିଲାରେ ୬୮୬ କମନ ସର୍ଭିସ ସେଣ୍ଟର ଅଛି । ତେବେ ଏଥିରୁ ୩୭୨ ସେଣ୍ଟର କାମ କରୁନି। ଅନ୍ୟ ପକ୍ଷେ ଋଣୀ ଚାଷୀଙ୍କ ପଞ୍ଜୀକରଣ ବଢୁ ନ ଥିଲେହେଁ କେତେକ ବ୍ୟାଙ୍କର ଆଗ୍ରହ ଯୋଗୁ ଏକ ପ୍ରକାରର ଭଲ ସ୍ଥିତି ରହିଛି। ସେହିଭଳି ଜିଲାର କିଛି ସ୍ଥାନରେ ସଚେତନତା ରଥ ବୁଲାଇ ବୀମା କମ୍ପାନୀ ଯେଉଁ ମାଇଲେଜ ନେବାକୁ ଚେଷ୍ଟା କରୁଛି ରଥର ପରିକ୍ରମାକୁ ଅନୁଧ୍ୟାନ କଲେ ଏହାର ସୁଫଳ କିପରି ଚାଷୀ ପାଉଛନ୍ତି ଜଣାପଡିବ। ଏଣୁ ସରକାରଙ୍କ ମାଗଣା ବୀମାକୁ ମଧ୍ୟ ଚାଷୀ ଫାଇଦା ଉଠାଇ ପାରନି ବୋଲି ଅଭିଯୋଗ ହୋଇଛି।

ଜିଲାରେ ବ୍ୟାଙ୍କରୁ ଋଣ କରିଥିବା ଚାଷୀ ୪୪ହଜାର ୨୯୭ ପଞ୍ଜୀକରଣ କରିଛନ୍ତି। ସେହିପରି ଅଣଋଣୀ ଚାଷୀ ୨୩ ହଜାର ୯୯୨ ଜଣ ପଞ୍ଜୀକରଣ କରିଛନ୍ତି। ଋଣି ଚାଷୀ ଅଧିକ ସଂଖ୍ୟାରେ ପଞ୍ଜୀକରଣ କରୁଥିବାବେଳେ କାହିଁକି ଅଣଋଣୀ ଚାଷୀଙ୍କ ପଞ୍ଜୀକରଣ ହ୍ରାସ ପାଉଛି ସେନେଇ କାରଣ ଖୋଜା ଯାଉ ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ବାଲୁଗାଁର ଚାଷୀ ରଣଜିତ୍ ଦଳବେହେରା କୁହନ୍ତି, ଫସଲ ବୀମା ପଞ୍ଜୀକରଣ ବ୍ୟବସ୍ଥା ମାଗଣା କରାଯିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ହେଲେ ସରକାର ଚାଷୀଙ୍କ ଜାଣିବା ପାଇଁ କିଛି ବ୍ୟବସ୍ଥା କଲେ ନାହିଁ। ଜୁଲାଇ ୩୧ ଯାଇ ଅଗଷ୍ଟ ୫ ଚାଲିଯିବ ଅଥଚ ଚାଷୀ ନିଜର ବୀମା ପଞ୍ଜୀକରଣ କରି ପାରିବ ନାହିଁ। ସରକାର ଚାଷୀକୁ ସଚେତନତା ନ କରି ଯେତେ ବ୍ୟବସ୍ଥା କଲେ କିଛି ସୁଫଳ ମିଳିବ ନାହିଁ। ଏଣୁ ପଞ୍ଜୀକରଣ ବ୍ୟବସ୍ଥାର ଅବଧି ବଢୁ। ଏନେଇ ସଚେନତା କରାଯାଉ ବୋଲି ସେ କହିଛନ୍ତି। ଖଣ୍ଡପଡ଼ାର ଚାଷୀ ଭାସ୍କର ଚନ୍ଦ୍ର ଜେନା କୁହନ୍ତି, ମାଗଣାରେ ପଞ୍ଜୀକରଣ କୁହା ଯାଉଥିଲେହେଁ ଚାଷୀକୁ ୧୦୦ରୁ ୨୫୦ ଟଙ୍କା ପଞ୍ଜୀକରଣ ପାଇଁ ଖର୍ଚ୍ଚ କରିବାକୁ ପଡୁଛି। ଚାଷୀ ଟଙ୍କା ଦେଇ ପଞ୍ଜୀକରଣ କରୁଛି। ଅଥଚ ସରକାର ମାଗଣାରେ ପଞ୍ଜୀକରଣ କରୁଛନ୍ତି ବୋଲି ଡିଣ୍ଡିମ ପଟୁଛନ୍ତି। ଭାପୁରର ଅଭିମନ୍ୟୁ ଗୁମାନସିଂ କୁହନ୍ତି, ଗାଁରେ ମାଗଣା ପଞ୍ଜୀକରଣ ନେଇ ଚାଷୀ ଅବଗତ ନାହିଁ। ଏପରି କି ଲୋକ ପ୍ରତିନିଧି ମଧ୍ୟ ମାଗଣା ପଞ୍ଜୀକରଣ ନେଇ ଜାଣି ନାହାନ୍ତି। କୃଷି ବିଭାଗର କର୍ମଚାରୀଙ୍କ ପାଦ ମଧ୍ୟ ଗାଁରେ ପଡୁନି। ଏଣୁ ଚାଷୀଙ୍କ ପଞ୍ଜୀକରଣ ବଢ଼ିବା ଆଶା ସଫଳ ହେବ ନାହିଁ। ଓଡ଼ଗାଁର ଚାଷୀ ଭାଗବତ ପରିଡ଼ା କୁହନ୍ତି, ଏକ ପଞ୍ଜୀକରଣ ରଥ ରୋଡରେ ବୁଲି ପଳାଉଛି। ଚାଷୀ ଜାଣିବା ପୂର୍ବରୁ ରଥ ଗାଏବ ହୋଇ ଯାଉଛି। ସରକାର ମଧ୍ୟ ଚାଷୀ ସଚେତନତା ନେଇ ପଦକ୍ଷେପ ନେଉ ନାହାନ୍ତି। ଏଣୁ ମାଗଣା ବୀମା ପଞ୍ଜୀକରଣର ଫାଇଦା ଚାଷୀ ନେଇ ପାରୁ ନାହିଁ।

ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ କୃଷି ଅଧିକାରୀ ବିଷ୍ଣୁ ପ୍ରସାଦ ସାହୁ କୁହନ୍ତି, ଚଳିତ ବର୍ଷ କୃଷି ବିଭାଗ ପକ୍ଷରୁ ୬୮ ହଜାର ହେକ୍ଟର ଜମିରେ ଧାନ ଫସଲ କରାଯିବାକୁ ଲକ୍ଷ୍ୟ ରହିଛି। ୬ ହଜାର ୨୩୦ ହେକ୍ଟର ଜମିର ବୀମା ହୋଇଛି। ୪ଟି ଗାଡି ବୁଲି ଫସଲ ବୀମା ଉପରେ ସଚେତନତା କରୁଛି। ତେବେ ଜିଲାରେ ୬୮୬ କମନ ସର୍ଭିସ ସେଣ୍ଟର ମଧ୍ୟରୁ ୩୭୨ ସେଣ୍ଟର କାମ କରୁ ନାହିଁ। ୨ ହେକ୍ଟର (୫ ଏକର) ଜମିର ବୀମା ମାଗଣା ରହିଛି। ହେଲେ ପଞ୍ଜୀକରଣ ବଢୁ ନାହିଁ। ଆମେ ପଞ୍ଜୀକରଣ ବଢ଼ିବାକୁ ଗୁରୁତ୍ୱ ଦେଉଛୁ ବୋଲି ସେ କହିଛନ୍ତି। ଜିଲାରେ ମକା ଓ ଧାନ ପାଇଁ ଫସଲ ବୀମା ମାଗଣା ରହିଛି ବୋଲି ସେ ସୂଚନା ଦେଇଛନ୍ତି।

## ସ୍ୱାଧୀନତା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ


ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଅତିଥି।

ଖଣ୍ଡପଡ଼ା,୩।୮ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ତହସିଲ କାର୍ଯ୍ୟାଳୟ ପରିସରରେ ସ୍ୱାଧୀନତା ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ହୋଇ ଯାଇଛି। ତହସିଲଦାର ଲିପ୍ସା ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ତହସିଲଦାର ତଥା ଏନଏସି ଭାରପ୍ରାପ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ମଲିକ, ନାଟ୍ୟ ନିର୍ଦ୍ଦେଶକ ରାମଚନ୍ଦ୍ର ଦାଶ, ତହସିଲ ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ, ଶିକ୍ଷକ, କ୍ରୀଡା ଶିକ୍ଷକ, ଅଧ୍ୟାପକ ଓ ଗଣମାଧ୍ୟମର ପ୍ରତିନିଧି ଯୋଗ ଦେଇଥିଲେ। ଖଣ୍ଡପଡା ମଧୁବନ ମିନି ଷ୍ଟାଡିୟମ ପରିସରରେ ପ୍ରତିବର୍ଷ ପରି ଚଳିତ ବର୍ଷ ସ୍ୱାଧୀନତା ଦିବସ ମହା ସମାରୋହରେ ପାଳନ କରାଯିବ। ସ୍ୱାଧୀନତା ଦିବସ ପାଳନ ଅବସରରେ ପ୍ରାତଃ ସମୟରେ ରାମଧୁନ ଗାନ କରାଯିବ। ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ପ୍ରତିଯୋଗୀତା ଓ ପ୍ୟାରେଡ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆ ଯାଇଥିଲା। ସ୍ୱାଧୀନତା ଦିବସଟି କିଭଳି ସରସ ସୁନ୍ଦର ଭାବେ ପାଳନ କରାଯିବ ସେ ସମ୍ପର୍କରେ ତହସିଲଦାର ମତ ଦେବା ସହ ଉତ୍ସବର ସଫଳତା ନେଇ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଶେଷରେ ବରିଷ୍ଠ ଆଇନଜୀବି ଗିରିଜା ଶଙ୍କର ତରାସିଆ ଧନ୍ୟବାଦ ଦେଇଥିଲେ।

## ଦାଶରଥି ସଂଗ୍ରହାଳୟକୁ ପୁସ୍ତକ, ହାତଘଣ୍ଟା ପ୍ରଦାନ

ନୂଆଗାଁ,୩।୮ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଉଦୟପୁରଠାରେ ଥିବା ଦାଶରଥି ସଂଗ୍ରହାଳୟକୁ ବୁଧବାର ଅନେକ ଉପାଦେୟ ପୁସ୍ତକ ଓ ଗୋଟିଏ ହାତଘଣ୍ଟା ପ୍ରଦାନ କରାଯାଇଛି। ପୁରୀସ୍ଥିତ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ତ୍ରିଲୋଚନ ମିଶ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ କୁଳପତିଙ୍କ ପରିବାର ପକ୍ଷରୁ ପୁତ୍ର ଡ, ଅମ୍ଳାନ ମିଶ୍ର ଦାଶରଥି ପାଠାଗାର ଓ ସଂଗ୍ରହାଳୟର ବରପୁତ୍ର ଗ୍ୟାଲେରୀରେ ପ୍ରଦର୍ଶନ ପାଇଁ ୫୧ ଖଣ୍ଡ ଉପାଦେୟ ପୁସ୍ତକ ସହିତ କୁଳପତି ବ୍ୟବହାର କରୁଥିବା ହାତ ଘଣ୍ଟା ପ୍ରଦାନ କରିଥିବା ସଂଗ୍ରାହାଳୟର ସମ୍ପାଦକ ତଥା ଦାଶରଥି ପଟ୍ଟନାୟକଙ୍କ ନାତି ଦୀପକ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି।


ପୁସ୍ତକ ଗ୍ରହଣ କରୁଛନ୍ତି ଦୀପକ ପଟ୍ଟନାୟକ।

## ଭାପୁରରେ ସବ୍‌ରେଜିଷ୍ଟ୍ରାର ଅଫିସ ଖୋଲିଲା


ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥି।

- ଉଦଘାଟନ କଲେ ଖଣ୍ଡପଡ଼ା ବିଧାୟକ
- ଦୂରହେବ ୨୦ ପଞ୍ଚାୟତର ସମସ୍ୟା

ଭାପୁର,୩।୮ (ଭରତ କୁମାର ବେହେରା)

ଭାପୁର ସଦର ମହକୁମାସ୍ଥିତ ତହସିଲ କାର୍ଯ୍ୟାଳୟ ପରିସରରେ ଉପନିବନ୍ଧକ ଅଫିସ ଉଦ୍‌ଘାଟିତ ହୋଇଯାଇଛି। ଖଣ୍ଡପଡା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଏହାକୁ ଉଦଘାଟନ କରି ୨୦ ପଞ୍ଚାୟତର ଲକ୍ଷାଧିକ ଲୋକେ ରାଜସ୍ୱ ସେବା ହାତ ପାହାନ୍ତାରେ ପାଇବେ ବୋଲି ମତବ୍ୟକ୍ତ କରିଥିଲେ। ମୋ ସରକାର ଅଧୀନରେ ଲୋକଙ୍କୁ ସେବା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ଅନେକ ପଦକ୍ଷେପ ନେଇଛନ୍ତି । ରାଜସ୍ୱ ସେବା ଘରେ ଘରେ ପହଞ୍ଚାଇବାକୁ କରିଥିବା ସଂକଳ୍ପ ଏବେ ସାକାର ହେଉଥିବା କହିଥିଲେ। ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେବା ସହ ଜିଲା ପ୍ରଶାସନ ହିତାଧିକାରୀଙ୍କ ସୁବିଧା ନିମନ୍ତେ ସମସ୍ତ ବ୍ୟବସ୍ଥା କରିଥିବା ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ,ତହସିଲଦାର ଲଗ୍ନଜିତ ବେହେରା, ବିଡ଼ିଓ ରଣଜିତ୍ କୁମାର ମଲିକ, କ୍ରିୟାନୁଷ୍ଠାନ କମିଟିର ସଭାପତି ରବୀନ୍ଦ୍ର କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧିଙ୍କ ସମେତ ଶତାଧିକ ଲୋକେ ଉପସ୍ଥିତ ଥିଲେ। ଆଜିଠାରୁ ଜମି କିଣାବିକା ସହ ଅନ୍ୟାନ୍ୟ କାର୍ଯ୍ୟ ଅତି ସହଜରେ ହେବ ବୋଲି ତହସିଲଦାର ବେହେରା ସୂଚନା ଦେଇଛନ୍ତି।

## ସହରକୁ ସ୍ୱଚ୍ଛ, ସୁନ୍ଦର ପାଇଁ ପ୍ରୟାସ

- ଦୋକାନ ସମ୍ମୁଖରେ ରଖିବେ ଡଷ୍ଟବିନ୍
- ଅଳିଆ ଆବର୍ଜନା ରାସ୍ତା ବଦଳରେ ଡଷ୍ଟବିନ୍‌ରେ ପକାଇବେ
- ଅମାନିଆଙ୍କ ପାଇଁ ଲାଗୁ ହେଲା ଦଣ୍ଡବିଧାନ
- ସେପ୍ଟେମ୍ବରଠାରୁ ଫାଇନ ଓ ଦୋକାନ ହେବ ସିଲ୍

ନୟାଗଡ଼ ଅଫିସ,୩।୮ (ଲୋକନାଥ ମିଶ୍ର)

ନୟାଗଡ଼ ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଚେୟାରମ୍ୟାନ ନିରୁପମା ଖଟେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିର୍ବାହୀ ଅଧିକାରୀ ସ୍ୱାତୀ ମିଶ୍ର ଯୋଗ ଦେଇ ସହରର ବିଭିନ୍ନ ବ୍ୟବସାୟିକ ସଂଘର ସଭାପତି ଓ ସମ୍ପାଦକମାନଙ୍କୁ ଡକାଇ ଆଲୋଚନା କରିଛନ୍ତି। ଦୋକାନ ସମ୍ମୁଖରେ ନୀଳ ଓ ସବୁଜ ରଙ୍ଗର ୨ଟି ଡଷ୍ଟବିନ ରହିବ। ଏଥିରେ ଓଦା ଓ ଶୁଖିଲା ଆବର୍ଜନା ପଡିବ। ଦୋକାନୀମାନେ ଆଉ ରାସ୍ତା ଉପରେ ଅଳିଆ ପକାଇବେ ନାହିଁ । ସେପ୍ଟେମ୍ବର ମାସରୁ ଆଇନ କଡାକଡି ହେବ। ରାସ୍ତାରେ ଅଳିଆ ପକାଇଲେ ପ୍ରଥମ ଥର ୧୦୦ ଟଙ୍କା ଫାଇନ ଆଦାୟ ହେବ। ୨ୟ ଥର ୫୦୦ ଟଙ୍କ ଓ ତୃତୀୟ ଥର ୧ ହଜାର ଫାଇନ ହେବ। ବାରମ୍ବାର ଭୁଲ କଲେ ଦୋକାନ ସିଲ୍ କରାଯିବାକୁ ଚେତାବନୀ ଦିଆଯାଇଛି।

ନୟାଗଡ଼ ସହରକୁ ସଫା ସୁତରା ରଖିବାକୁ ମ୍ୟୁନିସିପାଲିଟି ପକ୍ଷରୁ ୨୦୨୨ରୁ ମାର୍ଚ୍ଚରୁ ପ୍ରୟାସ ଜାରି ରହିଛି। ବ୍ୟବସାୟୀମାନେ ସେମାନଙ୍କ ଅଳିଆ ଆବର୍ଜନାକୁ ରାସ୍ତାରେ ନ ଫୋପାଡି ଡଷ୍ଟବିନ୍‌ରେ ରଖିବାକୁ ମ୍ୟୁନିସିପାଲିଟି ପକ୍ଷରୁ ପରାମର୍ଶ ଦିଆଯାଇଛି। ସବୁଜ ଡଷ୍ଟବିନ୍‌ରେ ନଷ୍ଟ ହେଉଥିବା ଉପକରଣ ଓ ନୀଳ ରଙ୍ଗର ଡଷ୍ଟବିନ୍‌ରେ କାଠ, ପ୍ଲାଷ୍ଟିକ, କାଚ, ଲୁହା ପରି ନଷ୍ଟ ହେଉ ନ ଥିବା ଉପକରଣ ପକାଇବାକୁ କୁହାଯାଇଛି। କିନ୍ତୁ ଅଧିକାଂଶ ଦୋକାନୀ ସେମାନଙ୍କ ବର୍ଜ୍ୟବସ୍ତୁକୁ ଡ୍ରେନ ଭିତରେ ଓ ରାସ୍ତା ଉପରକୁ ଫୋପାଡି ସହରକୁ ପ୍ରଦୂଷିତ କରୁଛନ୍ତି। ଏନେଇ ମ୍ୟୁନିସିପାଲିଟି ପକ୍ଷରୁ ଆଇନ କଡାକଡି କରାଯାଇଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। କିଛି ଦିନର ନୀରବତା ପରେ ପୁଣି ମ୍ୟୁନିସିପାଲିଟି ପକ୍ଷରୁ ଆଇନକୁ କଡାକଡି କରାଯାଇଛି।

## ଓଡ଼ଗାଁ ବ୍ଲକ କୃଷି କାର୍ଯ୍ୟାଳୟ ବାହାରୁ ଖୋଲା ଭିତରୁ ତାଲା

- ଚାଷ ସମୟରେ ଚାଷୀ ନିରାଶ ହୋଇ ଫେରିଲେ
- କାମରେ ଲାଗୁନି ଅତ୍ୟାଧୁନିକ ସମ୍ମିଳନୀ ଗୃହ

ଓଡ଼ଗାଁ,୩।୮ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ କୃଷି କାର୍ଯ୍ୟାଳୟରେ ଦିନ ସାଢେ ୧୧ ପର୍ଯ୍ୟନ୍ତ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ଓଡ଼ଗାଁ ଏନଏସି ଅନ୍ତର୍ଗତ ଜାରିଙ୍ଗି ମୌଜାରେ ରହିଥିବା କୃଷି କାର୍ଯ୍ୟାଳୟକୁ ବିଭିନ୍ନ କାମରେ ଆସୁଥିବା ଚାଷୀମାନେ କାହାରିକୁ ନ ପାଇ ଫେରୁଛନ୍ତି। ସଂପ୍ରତି ଧାନ ଚାଷ ନିମନ୍ତେ ରୁଆ ବେଉସା, ସାର ପ୍ରୟୋଗ ଆଦି ନିମନ୍ତେ ଚାଷୀମାନେ କୃଷି ଅଧିକାରୀଙ୍କ ପରାମର୍ଶ ଲୋଡୁଥିବା ବେଳେ ବିଭାଗୀୟ ଅଧିକାରୀମାନେ ଦିନ ତମାମ ଅଫିସରୁ ବାହାରେ ରହୁଥବାରୁ ଚାଷୀମାନେ ହତାଶ ହୋଇ ଫେରୁଥିବା ଅଭିଯୋଗ ହୋଇଛି।

ଗୁରୁବାର ମଧ୍ୟାହ୍ନ ପର୍ଯ୍ୟନ୍ତ ଅଫିସ ସମ୍ମୁଖ ଗ୍ରୀଲ ଖୋଲା ଥିବା ବେଳେ ସମ୍ମୁଖ ଭାଗରେ ଗୋଟିଏ ବାଇକ୍ ଆଡି କରି ରଖାଯାଇଥିଲା। ଭିତର ସମସ୍ତ ଅଫିସ କବାଟରେ ବାହାର ପଟୁ ତାଲା ଝୁଲୁଥିବା ଦେଖିବାକୁ ମିଳିଥିଲା। ଅଫିସ ଗ୍ୟାରେଜରେ ଭୋଜି ପାଇଁ ରୋଷେଇ ଚାଲିଥିଲା। କେତେଜଣ ଚାଷୀ ଅଫିସରେ ପହଞ୍ଚି କାହାକୁ ନ ପାଇବାରୁ କେତେଜଣ ଗଣମାଧ୍ୟମ ପ୍ରତିନିଧିଙ୍କ ସହିତ ଯୋଗାଯୋଗ କରିଥିଲେ। ଖବରଦାତାମାନେ ପହଞ୍ଚିଲା ବେଳକୁ ସେଠାକାର ସ୍ଥିତିରେ କୌଣସି ପରିବର୍ତ୍ତନ ହୋଇ ନ ଥିଲା। ଚାଷୀମାନଙ୍କୁ ଡୋର ଷ୍ଟେପରେ ସୁଚନା ଦେବାକୁ ନିୟମ ରହିଥିବା ବେଳେ ଚାଷୀ କୃଷି ଅଧିକାରୀଙ୍କ ଅଫିସ ଦୁଆରୁ ଆସି ନିରାଶ ହୋଇ ଫେରୁଛନ୍ତି। ଏନେଇ ବ୍ଲକ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରିବାରୁ ସେ ଏକ ଡିଜିଟାଲ ମିଟିଂ ବ୍ଲକ ସମ୍ମିଳନୀ ଗୃହରେ ଆୟୋଜନ କରିଥିବାରୁ ଅଫିସରେ ଅନୁପସ୍ଥିତ ଥିଲେ। ଅଫିସ କର୍ମଚାରୀ ସେମାନଙ୍କୁ ଚା ପାଣି ଦେବାକୁ ବ୍ୟସ୍ତ ରହିବାରୁ ଅଫିସରେ ତାଲା ଲାଗିଥିଲା। ମିଟିଂରେ ଅଂଶ ଗ୍ରହଣ କରିଥିବା ଲୋକଙ୍କ ପାଇଁ ଅଫିସରେ ରୋଷେଇ କରାଯାଉଥିବା କହିଥିଲେ। ଆଗକୁ ଏନେଇ ଧ୍ୟାନ ଦିଆଯିବ ବୋଲି କହିଥିଲେ। ସେହିପରି କୃଷି କାର୍ଯ୍ୟାଳୟର ଉପରମହଲାରେ ଅତ୍ୟାଧୁନିକ ସମ୍ମିଳନୀ ଗୃହ ରହିଛି। ହେଲେ ସେହି ଗୃହକୁ ବ୍ୟବହାର କରାଯାଉଥିବା ଏଥିରୁ ପ୍ରମାଣିତ ହୋଇଛି। ଏପରି ଘଟଣା ଦିନେ ଦୁଇ ଦିନର ନୁହେଁ, ନିତିଦିନିଆ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

## ପୋଖରୀରେ ବୁଡ଼ି ଜଣେ ମୃତ

ଦଶପଲ୍ଲା,୩।୮ (ପ୍ରକାଶ କୁମାର ପାଣି)

ଗୁରୁବାର ଦଶପଲ୍ଲା ବ୍ଲକ ଅନ୍ତର୍ଗତ ସିମିଳିସାହି ଗ୍ରାମର ଜଣେ ବ୍ୟକ୍ତିଙ୍କ ପାଣିରେ ବୁଡି ମୃତ୍ୟୁ ଘଟିଛି। ମୃତକ ହେଲେ ମାଟିଆ ପ୍ରଧାନ(୪୦)। ତାଙ୍କ ଘର ସିମିଳିସାହି ଗ୍ରାମରେ। ସେ ଗୁରୁବାର ସକାଳେ ଗ୍ରାମ ନିକଟସ୍ଥ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ଗୋଡ଼ ଖସିଯିବାରୁ ସେ ଗଭୀର ପାଣିରେ ବୁଡ଼ି ଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଦଶପଲ୍ଲା ଡ଼ାକ୍ତରଖାନାରେ ଭର୍ତ୍ତି କରା ଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସମ୍ପର୍କରେ ଦଶପଲ୍ଲା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୮/୨୩) ରୁଜୁ ହୋଇଛି।

## ସବୁ ସରିଛି, ସୁସ୍ଥ ହେଲେନି ଲଳାଟେନ୍ଦୁ

- ଆର୍ଥିକ ସଙ୍କଟରେ ପରିବାର
- ସରକାରୀ ସହାୟତା ପାଇଁ ଦାବି

ଦଶପଲ୍ଲା,୩।୮ (ପ୍ରକାଶ କୁମାର ପାଣି)

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ସରିଗଣ୍ଡା ପଞ୍ଚାୟତ, ରଙ୍ଗମାଟିଆଗାଁର ଲଳାଟେନ୍ଦୁ ଏବେ କୋମାରେ ଅଛନ୍ତି। ଜମିବାଡ଼ି ବିକ୍ରି ସରିଛି ଘର ବନ୍ଧା ପକାଇ ପ୍ରାୟ ୨୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ହେଲେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ପରିବର୍ତ୍ତନ ଆସୁନାହିଁ। ଏପରି ସ୍ଥିତିରେ ତାଙ୍କ ପରିବାର ଆର୍ଥିକ ଅନଟନ ମଧ୍ୟରେ ଗତି କରୁଛନ୍ତି।

ଦିନଥିଲା ଲଳାଟେନ୍ଦୁ ଏକ ଠିକାଦାରୀ ସଂସ୍ଥାରେ ଦିନ ମଜୁରିଆ ଭାବେ କାମ କରୁଥିଲେ। ସବୁ କିଛି ଶାନ୍ତିରେ ଚାଲିଥିଲା। ହେଲେ ଆଜକୁ ୬ମାସ ତଳେ ତାଙ୍କ ଭାଗ୍ୟ ଆକାଶରେ କଳାମେଘ ଘୋଟି ଆସିଥିଲା। ସେଦିନ ମଜୁରୀ ଟଙ୍କା ଆଣିବା ପାଇଁ ସେ ଦଶପଲ୍ଲା ଯାଇଥିଲେ। ଆକସ୍ମିକ ଭାବେ ଏକ ବାଇକ୍ ଆସି ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରାୟ ୨ମାସର ଚିକିତ୍ସା ପରେ ସେ ଘରକୁ ଫେରିଥିଲେ। ହେଲେ ସେତିକିରେ ଦୁଃଖ ସରିଲା ନାହିଁ। ଘରକୁ ଫେରିଲା ପରେ ଧିରେ ଧିରେ ତାଙ୍କର ସମସ୍ତ ଅଙ୍ଗ ଅକାମୀ ହେବାରେ ଲାଗିଲା । ପରିବାର ଲୋକଙ୍କ ପାଖରେ ଥିବା ସମସ୍ତ ସମ୍ବଳ ଶେଷ ହେଲା। ଉଚ୍ଚତର ଚିକିତ୍ସା ପାଇଁ ଜମିବାଡ଼ି ବିକ୍ରି କରାଗଲା। ଅଧିକ ଅର୍ଥ ଆବଶ୍ୟକ ପଡିବାରୁ ଶେଷରେ ଘର ଖଣ୍ଡିକୁ ବି ପରିବାର ଲୋକେ ଅନ୍ୟ ପାଖରେ ବନ୍ଧା ପକାଇଥିଲେ। ହେଲେ ଲଳାଟେନ୍ଦୁଙ୍କ ସୁସ୍ଥ ହେବା ଆଶା ମଉଳି ଯାଇଥିଲା। ସମସ୍ତ ପ୍ରୟାସ ନିଷ୍ଫଳ ହେବା ସହିତ ଘରର ସବୁ ସମ୍ବଳ ସରିଛି। ଘରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ରୋଗାକ୍ରାନ୍ତ ହେବା ପରେ ପରିବାର ଲୋକେ ଦୁଇବେଳା ଦୁଇମୁଠା ଖାଦ୍ୟ ପାଇଁ ଅନ୍ୟ ଉପରେ ନିର୍ଭର କରୁଛନ୍ତି। ସାହି ପଡ଼ିଶାଙ୍କ ଦାନ ଉପରେ ସେମାନେ ଚଳୁଛନ୍ତି। ଲଳାଟେନ୍ଦୁଙ୍କ ୩ ମାସର ଶିଶୁପୁତ୍ର ପାଇଁ କ୍ଷୀର ଟୋପାଏ ମଧ୍ୟ ଯୋଗାଡ଼ କରିବା ପାଇଁ ପରପାଖରେ ହାତ ପତାଇବାକୁ ପଡୁଛି । ଏପରି ପରିସ୍ଥିତିରେ ଲଳାଟେନ୍ଦୁଙ୍କ ପରିବାରକୁ ସରକାରଙ୍କ ତରଫରୁ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।


ଘରର ଖଟ ଉପରେ ଲଳାଟେନ୍ଦୁ।

## ଗଣିଆ-ବଡ଼ମୂଳ ରାସ୍ତାରେ ବନ୍ୟାଜଳ



ଗଣିଆ ଅଞ୍ଚଳରେ ଜମି ରହିଥିବା ବନ୍ୟାଜଳ।

### ଲଗାଣ ବର୍ଷାରେ ଭାଙ୍ଗିଲା ଘର, ବ୍ଲକ କଲୋନୀ ପାଚେରି

ଗଣିଆ,୩।୮ (ସନ୍ତୋଷ କୁମାର ପ୍ରଧାନ)

ଲଗାଣ ବର୍ଷା ପ୍ରଭାବରେ ନୟାଗଡ଼ ଜିଲା ଗଣିଆ ବ୍ଲକରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଗଣିଆ-ବଡ଼ମୂଳ ରାସ୍ତାର କେତେକ ସ୍ଥାନରେ ୨ରୁ ୫ଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଛି। ଗତ ମଙ୍ଗଳବାର ରାତିରୁ ଲଘୁଚାପଜନିତ ଲଗାଣ ବର୍ଷା ଲାଗିରହିବା ଫଳରେ ବୁଧବାର ଅପରାହ୍ନରୁ ମହାନଦୀ ପାଣି ବଢ଼ି ଚାଲିଥିଲା। ଗୁରୁବାର ଅପରାହ୍ନ ସୁଦ୍ଧା ବନ୍ୟାଜଳ ଧିରେ ଧିରେ ହ୍ରାସ ପାଇବାକୁ ଲାଗିଛି। ତଥାପି ଅପରାହ୍ନ ସୁଦ୍ଧା ଏହି ରାସ୍ତାରେ ବନ୍ୟାଜଳ ପ୍ରବାହିତ ହେଉଛି। ସେହିପରି ଗଣିଆ – ଛାମୁଣ୍ଡିଆ ରାସ୍ତାର ରାସଙ୍ଗ ରାସ୍ତା ଉପରେ ୪ଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଛି। ରାସ୍ତାର କଳାପାଟ ଠାକୁରାଣୀ ପୀଠ ଓ ବୃତଙ୍ଗ ସେତୁ ମଧ୍ୟରେ ୩ରୁ ୪ଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଛି। ସେହିପରି ଛାମୁଣ୍ଡିଆ-ବଡମୂଳ ରାସ୍ତା ଉପରେ ବି ବନ୍ୟା ଜଳ ଚାଲିଛି। ଫଳରେ ସୀମାନ୍ତ କୁତୁରୀ ଗ୍ରାମବାସୀ ୨ଦିନ ଧରି ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ଏହି ଗ୍ରାମରେ ବିଦ୍ୟୁତ୍ କିମ୍ବା ମୋବାଇଲ ସେବା ନ ଥିବା ବେଳେ ଗ୍ରାମବାସୀ ବାହ୍ୟ ଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇ ରହିଛି। ସେହିପରି ରାସଙ୍ଗ, ଛାମୁଣ୍ଡିଆ ଓ କିଶୋରପ୍ରସାଦ ପଞ୍ଚାୟତର ଗହୀରି ବିଲରେ ଥିବା ସମସ୍ତ ଚାଷ ଜମି ବନ୍ୟାଜଳରେ ବୁଡ଼ି ରହିଛି। ରାସଙ୍ଗ ପଞ୍ଚାୟତର ରାସଙ୍ଗଠାରେ ପ୍ରଶାସନ ତରଫରୁ ବୋଟ୍ ବ୍ୟବସ୍ଥା କରାଯାଇଛି। ଗୁରୁବାର ସକାଳେ ମହାନଦୀର ବଡ଼ମୂଳ ମାଳିସାହି ଗେଜ୍ ପଏଣ୍ଟଠାରେ ଜଳସ୍ତର ୩୮ଫୁଟ୍ ଥିବା ବେଳେ ଅପରାହ୍ନ ୫ଟା ସୁଦ୍ଧା ଜଳସ୍ତର ହ୍ରାସ ହୋଇ ୩୬ଫୁଟ୍ ବନ୍ୟାଜଳ ପ୍ରବାହିତ ହେଉଛି। ଲଗାଣ ବର୍ଷା ଯୋଗୁ ରାସଙ୍ଗ ଗ୍ରାମର ରବିନ୍ଦ୍ର କୁମାର ସାହୁଙ୍କ ୧ବଖରା କଚ୍ଚାଘର ଭାଙ୍ଗିଯାଇଛି। ଅନ୍ୟ ବଖରାରେ ପରିବାର ଲୋକମାନେ ଜରିପାଲ ପକାଇ ରହିଛନ୍ତି। ସେହିପରି ଗଣିଆ ବ୍ଲକ କଲୋନୀର ପାଚେରୀ ଲଗାଣ ବର୍ଷାରେ ଭାଙ୍ଗିଯାଇଛି।

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକ ମୃତ

ଯାଜପୁରରୋଡ୍,୩।୮(ପବିତ୍ର ମହାନ୍ତି):

ଯାଜପୁରରୋଡ୍ ଥାନା ଦନିଆବର ନିକଟରେ ଦୁର୍ଘଟଣା ଘଟି ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ଅନ୍ୟଜଣେ ଗୁରୁତର ଅବସ୍ଥାରେ କଟକ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ମୃତ ଯୁବକ କୁଆଖିଆ ଥାନା ଶ୍ରୀବନ୍ତପୁର ଅଞ୍ଚଳର ସଂଗ୍ରାମ ରାଉତ(୨୧) ଓ ଗୁରୁତର ଯୁବକ କଣ୍ଟିଆକଣ ଅଞ୍ଚଳର ବଳରାମ ସ୍ୱାଇଁ (୨୨)ବୋଲି ସୂଚନା ମିଳିଛି। ଗୁରୁବାର ଅପରାହ୍ଣରେ ଦୁଇ ଯୁବକ ଯାଜପୁର ରୋଡ୍ ଆଡୁ ନିଜ ଗ୍ରାମକୁ ଏକ ବାଇକ୍ ଯୋଗେ ଫେରୁଥିଲେ। ଏହି ସମୟରେ ଭାରସାମ୍ୟ ହରାଇ ଦାନିଆବର ଛକରେ ଏକ ମନ୍ଦିର ସମ୍ମୁଖରେ ଥିବା ସିମେଣ୍ଟ ଘୋଡାରେ ଉଭୟ ବାଇକ୍ ସହ ପିଟି ହୋଇ ଯାଇଥିଲେ। ଫଳରେ ଯୁବକଦ୍ୱୟ ଗୁରୁତର ହୋଇଥିଲେ। ପୋଲିସ ପହଞ୍ଚି ବାଇକ୍ ଜବତ କରିବା ସହ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ସଂଗ୍ରାମଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ବଳରାମଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାକେନ୍ଦ୍ରକୁ ଓ ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ନଂ.୩୪୬/୨୩ରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି ବୋଲି ଏସ୍ଆଇ ସଂଯୁକ୍ତା ବେହେରା ସୂଚନା ଦେଇଛନ୍ତି।

### ଲୁହାପଥର ଚୋରା ଚାଲାଣ ବେଳେ ପୋଲିସ ଚଢ଼ାଉ
#### ଡମ୍ଫର, ହାଇୱା ଜବତ, ଡ୍ରାଇଭର ଗିରଫ

କଳିଙ୍ଗନଗର,୩।୮(ଶୁଭାଶିଷ ରାଉତ):

ଲୁହାପଥର ଚୋରା ଚାଲାଣ ଯୋଜନାବେଳେ କଳିଙ୍ଗନଗର ପୋଲିସ ଚଢାଉ କରିଛି। ମୂଲଚାଲ ଚାଲିଥିବା ବେଳେ ପୋଲିସ ସେଠାରୁ ପଶ୍ଚିମବଙ୍ଗର ଏକ ହାଇୱା ଓ ସ୍ଥାନୀୟ ଅଞ୍ଚଳର ଏକ ଡ଼ମ୍ଫର ଜବତ କରିଛି । ଏହି ଘଟଣାରେ ପୋଲିସ ହାଇୱା ଚାଳକଙ୍କୁ ଗିରଫ କରିଛି । ଡମ୍ଫର ଡ୍ରାଇଭର୍ ଫେରାର ହୋଇଯାଇଛନ୍ତି ।

ବୁଧବାର ଅପରାହ୍ନରେ କଳିଙ୍ଗନଗର ଥାନା କମଳାବାହାଳି ନିକଟରେ ଚୋରା ଲୁହାପଥର ବିକ୍ରି ପାଇଁ କଥାବାର୍ତ୍ତା ଚାଲିଥିଲା। ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ଘଟଣାରେ ପୋଲିସ ବିହାର ଭାଗଲପୁର ଅଞ୍ଚଳର ସନ୍ତୋଷ ରାୟଙ୍କୁ ଗିରଫ କରିଛି। ଚୋରା ଲୁହାପଥର ନେବାକୁ ଆସିଥିବା ହାଇୱା (ନଂ.ଡବ୍ଲ୍ୟୁ-ବି ୯୩- ଏ -୭୭୫୮) ସହିତ ଲୁହାପଥର ଦେଉଥିବା ଡମ୍ଫର (ନଂ.୦୯-ଏଫ ୭୨୬୬)କୁ ପୋଲିସ ଜବତ କରିଛି। ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୧୪୨ /୨୩ )ରୁଜୁ କରାଯାଇ ତଦନ୍ତ ଚାଲିଛି । ଗାଡ଼ିରେ ୧୫ ଟନ୍‌ରୁ ଅଧିକ ଲୁହାପଥର ରହିଛି। ସୂଚନା ମୁତାବକ ଦୈତାରୀ ଲୌହ ଖଣିରୁ ବିଭିନ୍ନ କାରଖାନାକୁ ଲୁହାପଥର ପରିବହନ କରୁଥିବା ଗାଡ଼ିମଧ୍ୟରୁ କେତେକ ଗାଡ଼ି ନିୟମିତ ଭାବେ ଲୁହାପଥର ଚୋରି କରୁଥିବା ଜଣାପଡ଼ିଛି। ପରିବହନ କରୁଥିବା ଠିକା ସଂସ୍ଥାର ଅସାଧୁ କର୍ମଚାରୀଙ୍କ ସମ୍ପୃକ୍ତିରେ ଗାଡି ଗୁଡିକ ଏହି କାରବାର କରିବାକୁ ସକ୍ଷମ ହେଉଛନ୍ତି।

### ୭ରୁ କଳାବ୍ୟାଜ୍ ପିନ୍ଧିବେ ପିଇଓ

ବିଞ୍ଝାରପୁର,୩।୮(ରାମକୃଷ୍ଣ ଦାସ):

ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ (ପିଇଓ)ମାନଙ୍କ ବିଭିନ୍ନ ନ୍ୟାଯ୍ୟ ଦାବି ସମ୍ପର୍କରେ ବାରମ୍ବାର ସରକାରଙ୍କୁ ଅବଗତ କରାଯାଉଥିଲେ ମଧ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ତେଣୁ ନିଖିଳ ଉତ୍କଳ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସଂଘ ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୭ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ସମସ୍ତ ପିଇଓ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟ କରିବେ। ୧୭ ତାରିଖ ମଧ୍ୟରେ ସରକାର ଯଦି ସେମାନଙ୍କ ଦାବି ପୂରଣ ନ କରନ୍ତି ତେବେ ସମସ୍ତେ ୧୮ ତାରିଖରୁ ଛୁଟିରେ ରହିବେ। ଏନେଇ ଗୁରୁବାର ବିଞ୍ଝାରପୁର ବ୍ଲକ ପିଇଓ ସଂଘ ପକ୍ଷରୁ ସଭାପତି ରମେଶ କୁମାର ମହାପାତ୍ରଙ୍କ ନେତୃତ୍ୱରେ ବିଡିଓଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇ ଅବଗତ କରାଯାଇଛି। ସଭାପତିଙ୍କ ସମେତ ଉପସଭାପତି ଅବିନାଶ ପାତ୍ର, ସମ୍ପାଦକ ଅନନ୍ତ ଚରଣ ସେଠୀ, ନୀଳାଦ୍ରୀ ଶୋଭନ ମହାନ୍ତି, ଚନ୍ଦ୍ରଶେଖର ଜେନା ପ୍ରମୁଖ ପିଇଓ ବିଡିଓଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

# ୩ ପ୍ରମୁଖ ଦଳ ମଧ୍ୟରେ ଚାଲିଛି ପ୍ରଚାର


ବିଜେଡି ପ୍ରାର୍ଥୀଙ୍କ ସହ କର୍ମୀମାନେ ପ୍ରଚାର କରୁଛନ୍ତି ।


ଭାଜପା ପ୍ରାର୍ଥୀ ପ୍ରଚାରରେ ଯାଉଛନ୍ତି ।


କଂଗ୍ରେସ ପ୍ରାର୍ଥୀ ନିଜ ସମର୍ଥକଙ୍କ ସହ ପ୍ରଚାର କରୁଛନ୍ତି ।

କାଏମା,୩।୮(ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ନିର୍ବାଚନମଣ୍ଡଳୀ ଅଧୀନ ୧୫ ନମ୍ବର ଜୋନରେ ଆସନ୍ତା ୯ ତାରିଖରେ ଜିଲା ପରିଷଦ ସଭ୍ୟ ପଦ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ। ଏହାକୁ ନେଇ ୩ ପ୍ରମୁଖ ରାଜନୈତିକ ଦଳ ମଧ୍ୟରେ ପ୍ରଚାର ଆରମ୍ଭ ହୋଇଯାଇଛି। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଏହି ଉପନିର୍ବାଚନ ସବୁ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। କର ବା ମର ପରିସ୍ଥିତିରେ ସବୁ ଦଳ ନିଜ ତରିକାରେ ପ୍ରଚାର ଚଳାଇଛନ୍ତି। ଯଦିଓ ଏହି ନିର୍ବାଚନମଣ୍ଡଳୀରେ ବିଜେଡି ସ୍ଥିତି ସୁଦୃଢ଼ ରହିଛି, କିନ୍ତୁ ଗତ ଜିଲା ପରିଷଦ ସଭ୍ୟ ନିର୍ବାଚନରେ ଏହି ଜୋନରେ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ଟକ୍କର ହୋଇଥିଲା। କଂଗ୍ରେସ ବହୁ ପଛରେ ପଡ଼ିଥିଲା। ଏଥର ଉପନିର୍ବାଚନରେ ବିଜେଡି ଭୋଟ ବ୍ୟବଧାନ ପୂର୍ବ ଅପେକ୍ଷା ବୃଦ୍ଧି କରିବାକୁ ସବୁ ବଳ ଖଟାଇ ଚାଲିଥିବାବେଳେ ସମାନ ରାସ୍ତାରେ ଭାଜପା ମଧ୍ୟ ରହିଛି। କଂଗ୍ରେସ ଏଥର ଆହୁରି ଭଲ କରିବ ବୋଲି ଆଶା ବାନ୍ଧିଛି।

ଏହି ଉପନିର୍ବାଚନରେ ବିଜେଡି ପକ୍ଷରୁ ଚକ୍ରଧର ବେହେରା, ଭାଜପା ପକ୍ଷରୁ ମହେଶ୍ୱର ତରାଇ ଓ କଂଗ୍ରେସ ପକ୍ଷରୁ ବୈରାଗୀ ମଲିକ ପ୍ରାର୍ଥୀ ହୋଇଛନ୍ତି। ଚକ୍ରଧରଙ୍କ ଘର ଅରାବଳ ପଞ୍ଚାୟତରେ ହୋଇଥିବାବେଳେ ମହେଶ୍ୱରଙ୍କ ଘର ଦେଓଦା ଓ ବୈରାଗୀଙ୍କ ଘର ଉତ୍ତରପ୍ରତାପ ପଞ୍ଚାୟତରେ। ଗତଥର ବିଜୟୀ ହୋଇଥିବା ବିଜେଡିର ସ୍ୱର୍ଗତ ଭାଗ୍ୟଧର ସେଠୀଙ୍କ ଘର ଓ ଭାଜପାର ପ୍ରାର୍ଥୀ ହୋଇଥିବା ପୂର୍ଣ୍ଣଚନ୍ଦ୍ର ତରାଇଙ୍କ ଘର ଉତ୍ତରପ୍ରତାପ ପଞ୍ଚାୟତରେ। ପୂର୍ଣ୍ଣଚନ୍ଦ୍ର ଏବେ ଭାଜପା ଛାଡି ବିଜେଡି ଶିବିରରେ। ସେ ବିଜେଡି ପାଇଁ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି।

ଏହି ଜୋନ ଉତ୍ତରପ୍ରତାପ, କୋଟପୁର, ଅରେଇକଣା ଅରାବଳ, କଦମପାଳ, ଦେଓଦା, ମଙ୍ଗଳପୁର ଓ ପରୁଣିଆ ଆଦି ୮ ପଞ୍ଚାୟତକୁ ନେଇ ଗଠିତ। ୨୦୨୨ ନିର୍ବାଚନରେ ଏଠାରେ ବିଜେଡି ୧୪,୧୧୨, ଭାଜପା ୯,୯୯୨ ଓ କଂଗ୍ରେସ ୧୩୮୪ ଖଣ୍ଡ ଭୋଟ ପାଇଥିଲା। କେବଳ କୋଟପୁର ପଞ୍ଚାୟତକୁ ଛାଡିଲେ ଅନ୍ୟ ୭ ପଞ୍ଚାୟତରେ ଭାଜପା ଦ୍ୱିତୀୟ ସ୍ଥାନରେ ଥିଲା। ବିଜେଡିର ଭାଗ୍ୟଧର ସେଠୀ ୪,୧୨୦ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ।

ବିଜେଡି ପ୍ରାର୍ଥୀ ଚକ୍ରଧର ରାଜନୀତିରେ ବେଶ ପରିପକ୍ୱ। ଗତ ପଞ୍ଚାୟତ ନିର୍ବାଚନରେ ସେ ଅଳ୍ପ ଭୋଟ୍ ବ୍ୟବଧାନରେ ସରପଞ୍ଚ ପଦବୀରେ ପରାଜୟ ହୋଇଥିଲେ। ଚଳିତ ଥର ବିଜେଡିରେ ଅନେକ ଆଶାୟୀ ଥିବାବେଳେ ଚକ୍ରଧରଙ୍କ ପ୍ରାର୍ଥିତ୍ୱ ଉପରେ ଦଳ ମୋହର ଲଗାଇଛି। ଚକ୍ରଧରଙ୍କ ପାଇଁ ପୁରା ଦଳ ଲାଗିପଡ଼ିଛି। ଯୁବ, ଛାତ୍ର ଓ ମହିଳା ଟିମ୍ ସହ ଦଳୀୟ କର୍ମକର୍ତ୍ତା ଓ ଅନ୍ୟ ଜୋନ୍‌ର ଜିଲା ପରିଷଦସଭ୍ୟମାନେ ତାଙ୍କ ପାଇଁ ପ୍ରଚାର କରୁଛନ୍ତି।

ଭାଜପାର ମହେଶ୍ୱର ଦଳର ଆଗଧାଡ଼ିର ଯୁବନେତା। ପ୍ରଥମ ଥର ସେ ନିର୍ବାଚନକୁ ଓହ୍ଲାଇଛନ୍ତି। ଜୋନରେ ଥିବା ଭାଜପାର ଭୋଟ ବ୍ୟାଙ୍କ ଓ ନିଜର ବ୍ୟକ୍ତିତ୍ୱ ଉଭୟକୁ ଆଧାର କରି ବିଜୟୀ ହେବେ ବୋଲି ସେ ଅଶାବାଦୀ ଅଛନ୍ତି। ଭାଜପା ନେତ୍ରୀ ସ୍ମୃତିରେଖା ପହିଙ୍କ ନେତୃତ୍ୱରେ ଭାଜପା ଲଢୁଥିବାବେଳେ ପାର୍ଟିର ପଞ୍ଚାୟତସ୍ତରୀୟ ନେତା ଓ କର୍ମୀ ଦଳ ଛାଡୁଥିବା ଦେଖିବାକୁ ମିଳୁଛି। ଯାହା ଭାଜପା ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି।

ସେହିପରି କଂଗ୍ରେସ ପ୍ରାର୍ଥୀ ବୈରାଗୀଙ୍କ ଘର ଉତ୍ତର ପ୍ରତାପ ପଞ୍ଚାୟତରେ। ଏହି ପଞ୍ଚାୟତରେ ବିଜେଡି ଓ ଭାଜପା ଭୋଟରୁ ଭାଗବସାଇ ଏଥର ସ୍ଥାନୀୟ ପଞ୍ଚାୟତବାସିନ୍ଦା ଭାବେ ବୈରାଗୀ କଂଗ୍ରେସ ଭୋଟକୁ ବୃଦ୍ଧି କରିବାରେ ସଫଳ ହେବେ ବୋଲି ଶୁଣାଯାଉଛି। ବୈରାଗୀ ୧୯୮୦ରୁ କଂଗ୍ରେସ ସହ ଜଡ଼ିତ। ତାଙ୍କ ପାଇଁ ବ୍ଲକ ସଭାପତି କିଷାନ ପଣ୍ଡା, ପୂର୍ବତନ ବିଧାୟକଙ୍କ ପୁତ୍ର ଜିତେନ୍ଦ୍ର ପଣ୍ଡା, ନାରୀ ନେତ୍ରୀ ଅପର୍ଣ୍ଣା ସିଂ ଓ ଆରତୀ ଦେଓ ପ୍ରମୁଖ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ତେବେ ଗତ ଥର ଅପେକ୍ଷା ବହୁ ଭୋଟ୍ ବ୍ୟବଧାନରେ ବିଜେଡି ବିଜୟୀ ହେବ ବୋଲି ଦୃଢୋକ୍ତି ପ୍ରକାଶ କରିଛି। ଏବେ ଦେଖିବାକୁ ଅପେକ୍ଷା ଭୋଟ୍‌ର କାହାକୁ ଗ୍ରହଣ କରୁଛନ୍ତି।

**୧୫ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ଉପନିର୍ବାଚନ**

### ପୋଲିସକୁ ଡରି ନଦୀକୁ ଡେଇଁଥିବା ଯୁବକଙ୍କ ମୃତଦେହ ମିଳିଲା

ଯାଜପୁର ଟାଉନ,୩।୮
(ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ସହର ନିକଟସ୍ଥ ବାରବାଟୀ ଗ୍ରାମ ବୁଢ଼ାନଦୀର ଚମ୍ପାଛନ୍ଦା ବ୍ରିଜ ନିକଟରେ ପୋଲିସକୁ ଡରି ନଦୀକୁ ଡେଇଁ ପଡ଼ିଥିବା ଯୁବକଙ୍କ ମୃତଦେହ ୭ ଦିନ ପରେ ମିଳିଛି। ୨ ଯୁବକ ଗତ ୨୮ ତାରିଖରେ ନଦୀକୁ ଡେଇଁ ପଡିଥିବା ବେଳେ ଏପର୍ଯ୍ୟନ୍ତ ଜଣେ ନିଖୋଜ ହୋଇଯାଇଥିଲେ। ଯୁବକ ଡେଇଁଥିବା ସ୍ଥାନରୁ ୭ କିଲୋମିଟର ଦୂର ବନ୍ଧମୁଣ୍ଡା ମଙ୍ଗଳାମନ୍ଦିର ନିକଟରେ ମୃତଦେହ ଭାସୁଥିବା ଗୁରୁବାର ଦେଖିବାକୁ ମିଳିଥିଲା।

ଘଟଣାଦିନ ଚମ୍ପାଛନ୍ଦା ବ୍ରିଜ ପାଖରେ ଥିବା ଏକ ପରିତ୍ୟକ୍ତ ସ୍ଥାନରେ କେତେଜଣ ଅସାମାଜିକ ଯୁବକ ନିଶା ଖାଇବା ପାଇଁ ଏକାଠି ହୋଇଥିଲେ। ଯାଜପୁର ଟାଉନ ଥାନା ପାଟ୍ରୋଲିଂ ଗାଡି ସେହି ରାସ୍ତା ଦେଇ ଯାଉଥିବାବେଳେ କିଛି ଅସାମାଜିକ ଯୁବକ ଗାଡ଼ି ଦେଖି ଦୌଡ଼ି ପଳାଇଥିଲେ। ସେମାନଙ୍କ ମଧ୍ୟରୁ ବାରବାଟୀ ଗ୍ରାମର ୨ ଯୁବକ ପୋଲିସକୁ ଡରି ନଦୀକୁ ଡେଇଁ ପଡ଼ିଥିବାବେଳେ ସଞ୍ଜୟ ଜେନା ନାମକ ଯୁବକ ପହଁରି କୂଳରେ ଲାଗିଥିବାବେଳେ ଶ୍ରୀକାନ୍ତ ମହାନ୍ତି ନିଖୋଜ ହୋଇ ଯାଇଥିଲେ। ଦୀର୍ଘ ସମୟ ଧରି ଅଗ୍ନିଶମ ବିଭାଗ ପକ୍ଷରୁ ଅନେକ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ମିଳିପାରି ନ ଥିଲା।

# ତୁମୁଣି ଗ୍ରାମରେ ପ୍ରଶାସନିକ ଅଧିକାରୀ

ଯାଜପୁର,୩।୮(ହର୍ଷବର୍ଦ୍ଧନ ବେହେରା) :

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଟିଙ୍ଗୁଡିପାଳ ପଞ୍ଚାୟତ ଅନ୍ତର୍ଗତ ତୁମୁଣି ଗ୍ରାମରେ ଗୁରୁବାର ଜିଲା ମଙ୍ଗଳ ଅଧିକାରୀ ଓ ଦଳ ପହଞ୍ଚି ଲୋକଙ୍କ ସହ ଆଲୋଚନା କରି ଫେରି ଆସିଛନ୍ତି। ଧରିତ୍ରୀରେ ଗତ ୭।୫।୨୦୨୩ରେ ପାହାଡ଼ ଶୀର୍ଷକୁ ଚଢି ପାରୁନି ବିକାଶ ଏବଂ ୨୫।୬।୨୦୨୩ରେ ପାହାଡ଼ ଉପର ଗାଁକୁ ଘେରିଛି ଦୁର୍ଦ୍ଦଶା ଶୀର୍ଷକ ଖବର ପ୍ରକାଶ ପାଇବା ପରେ ପ୍ରଶାସନର ଚେତା ପଶିଛି। ତେବେ ହାଇକୋର୍ଟରେ ଉପରୋକ୍ତ ମର୍ମରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହେବା ପରେ ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଥିବା ସୂଚନା ମିଳିଛି। ଏହି ତୁମୁଣି ଗ୍ରାମ ଗସ୍ତରେ ଜିଲା ମଙ୍ଗଳ ଅଧିକାରୀ ଶରତ କୁମାର ବେହେରା, ସ୍ୱତନ୍ତ୍ର ଅଧିକାରୀ ସୁନାରାମ ସିଂ, ସୁକିନ୍ଦା ବ୍ଲକ ମଙ୍ଗଳ ଅଧିକାରିଣୀ ସୋତାଲିନ ରଥ ପ୍ରମୁଖ ସାମିଲ ହୋଇଥିଲେ।

ପାହାଡ଼ ଶୀର୍ଷରେ ଥିବା ବହୁ ଚର୍ଚ୍ଚିତ ନଗଡ଼ାର ଡାହାଣ ଏବଂ ବାମ ପାର୍ଶ୍ୱ ଅଞ୍ଚଳରେ ଲୋକଙ୍କ ଜୀବନଧାରଣର ମାନ ଅବହେଳିତ ହୋଇ ପଡି ରହିଛି। ଏବେ ବି ତୁମୁଣି ଏବଂ ଗୁହିଆଶାଳ ଗ୍ରାମକୁ ରାସ୍ତା ନିର୍ମାଣ ହୋଇ ପାରିନାହିଁ। ଆବଶ୍ୟକ ଚିକିତ୍ସା ଅଭାବରୁ ଗର୍ଭବତୀମାନେ ମୃତ୍ୟୁମୁଖରେ ପଡୁଥିବା ନଜିର ରହିଛି। ତେଣୁ ସାମାଜିକ କର୍ମୀ ମଣ୍ଟୁ ଦାସ ତୁମୁଣି ଅଞ୍ଚଳର ବିକାଶ ପାଇଁ ଏକ ୯ ଦଫା ସମ୍ବଳିତ ସ୍ମାରକପତ୍ର ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରିନ୍ସିପାଲ ସେକ୍ରେଟେରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରିଥିଲେ। ଏହି କ୍ରମରେ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ(ଆରଡି) ବିଭାଗ ପକ୍ଷରୁ ଡେପୁଟି ସେକ୍ରେଟେରୀ ଶିବରାମ ହେମ୍ବ୍ରମ ତୁମୁଣୀ ଅଞ୍ଚଳର ବିକାଶ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ ଗ୍ରାମ୍ୟ ନିର୍ମାଣ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଜିଲା ମଙ୍ଗଳ ଅଧିକାରୀ ବେହେରା ତୁମୁଣି ଗ୍ରାମରୁ ଫେରି କହିଛନ୍ତି, ସେହି ଗ୍ରାମକୁ ପହଞ୍ଚିବା ବହୁ କଷ୍ଟକର ଥିଲା। ଉକ୍ତ ଗ୍ରାମରେ ପ୍ରାୟ ୨୪ ପରିବାର ବସବାସ କରୁଛନ୍ତି। ସମସ୍ତ ପରିବାର ସଦସ୍ୟମାନଙ୍କୁ ଚାଉଳ ପ୍ରଦାନ କରାଯାଉଛି। ଏହାସହ ଅଙ୍ଗନୱାଡି କର୍ମୀଙ୍କ କହିବା ଅନୁସାରେ ମାସକୁ ଥରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରିଦର୍ଶନରେ ଯାଇ ଆବଶ୍ୟକ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି। ୨୫ ଜଣ ପିଲାଙ୍କୁ ଟିଙ୍ଗୁଡିପାଳର ଆଶ୍ରମ ସ୍କୁଲରେ ରଖି ଶିକ୍ଷାଦାନ ଦିଆଯାଉଛି। ଜଙ୍ଗଲ ଜମି ଅଧିକାର ଆଇନରେ ୧୮ ଜଣଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଇଛି। ହେଲେ ରାସ୍ତା ନ ଥିବାରୁ ନିର୍ମାଣ ସାମଗ୍ରୀ ପରିବହନ ହେଉ ନ ଥିବାରୁ ଆବାସ ଯୋଜନାରେ ସାମିଲ କରିବା କଷ୍ଟକର ହୋଇଛି। ଏହି ଗ୍ରାମ ଘଞ୍ଚ ଜଙ୍ଗଲ ସହ ବିପଦପୂର୍ଣ୍ଣ ସ୍ଥାନରେ ରହିଛି। ବାଘ, ସାପ ଆଦି ଜନ୍ତୁଙ୍କ ଭୟ ରହିଛି। ତେଣୁ ସେମାନଙ୍କୁ ଅନ୍ୟତ୍ର ଥଇଥାନ କରିବା ବ୍ୟତୀତ ବିକଳ୍ପ ବ୍ୟବସ୍ଥା ନାହିଁ ବୋଲି ସେ କହିଛନ୍ତି।

ଏଠାରେ ପୁଣି ଥରେ ସୂଚାଇ ଦିଆଯାଉଛି ଯେ, ଏହି ଅଭେଦ୍ୟ ଗ୍ରାମକୁ ଜଳଯୋଗାଣ ହୋଇ ପାରିନାହିଁ। ନିକଟସ୍ଥ ଝରଣାର ପ୍ରଦୂଷିତ ପାଣି ଉପରେ ଗ୍ରାମବାସୀ ନିର୍ଭର କରିଥାନ୍ତି। ଗ୍ରୀଷ୍ମଋତୁରେ ଝରଣା ଯେତେବେଳେ ଶୁଖିଯାଏ ସେହି ସମୟରେ ପାଣି ବୁନ୍ଦାଏ ପାଇଁ ତୁମୁଣୀ ଗ୍ରାମବାସୀ ଛଟପଟ ହୋଇଥାନ୍ତି। ଘଞ୍ଚ ଜଙ୍ଗଲର ଆବଡା ଖାବଡା ପାଦଚଲା ରାସ୍ତା ଦେଇ ଗ୍ରାମବାସୀ ନିକଟସ୍ଥ ଗ୍ରାମକୁ ଯାତାୟତ କରିଥାନ୍ତି। ଫଳରେ ବେଳେବେଳେ ଗ୍ରାମବାସୀ ବନ୍ୟଜନ୍ତୁଙ୍କ ହାବୁଡରେ ପଡିଥାନ୍ତି। ଗମନାଗମନ ସୁବିଧା ଆଦୌ ନ ଥିବାରୁ ନାଳିଆଡବାଠାରୁ ରାଶନ ସାମଗ୍ରୀ ମୁଣ୍ଡରେ ବୋହି ପାହାଡ଼ ଚଢ଼ି ନେଇଥାନ୍ତି। ଗ୍ରାମର ଗର୍ଭବତୀମାନେ କେବେ ବି ଡାକ୍ତରଖାନାରେ ସନ୍ତାନ ଜନ୍ମ କରି ନ ଥାନ୍ତି। ଏଭଳି ସ୍ଥିତିରେ ପ୍ରସୂତି ସମୟରେ କାନ୍ଦିରି ପଧାନ ଏବଂ ଯତ୍ରି ପଧାନଙ୍କ ଅଳ୍ପଦିନ ତଳେ ମୃତ୍ୟୁ ହୋଇଥିବା ଜଣାପଡିଛି।


ତୁମୁଣି ଗ୍ରାମରେ ଜିଲା ପ୍ରଶାସନିକ ଅଧିକାରୀ ପହଞ୍ଚି ଲୋକଙ୍କ ସମସ୍ୟା ବୁଝୁଛନ୍ତି ।

# ବୈତରଣୀ ପୋଲରେ ଫାଟ

ପାଣିକୋଇଲି,୩।୮(ବିକାଶ ମଲ୍ଲିକ):

ପାଣିକୋଇଲି ଥାନା ଅନ୍ତର୍ଗତ ବୈତରଣୀ ନଦୀର ବ୍ରଜନଗର ଆଖୁଆପଦା ମୁଖ୍ୟ ପୋଲରେ ଫାଟ ଦେଖାଦେଇଛି। ଫଳରେ ଦୁର୍ଘଟଣାର ଆଶଙ୍କା ରହିଛି। ରସୁଲପୁରରେ ପୋଲ ଭୁଶୁଡ଼ିବା ଘଟଣା ଲୋକଙ୍କ ମନରୁ ନ ଲିଭିଥିବାବେଳେ ବୈତରଣୀ ପୋଲର ଦୁଇ ସ୍ଲାପ ମଝିରେ ଫାଟ ସୃଷ୍ଟି ହେବାରୁ ପୁଣି ପୋଲ ଭୁଶୁଡ଼ିବାର ଭ୍ରମ ସୃଷ୍ଟି କରୁଛି। ଏକା ସମୟରେ ଏହି ବ୍ରିଜ ନିମାଣ କରାଯାଇଥିଲା। ଭଦ୍ରକରୁ କଟକ ଆସିବା ବ୍ରିଜରେ ଏଭଳି ଅବସ୍ଥା ଦେଖାଦେଇଛି। ଏହି ଖବର ପାଇ ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ କୁମାର ବଳ ଘଟଣାସ୍ଥଳରେ ପହଞ୍ଚି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଗୋଚର କରିଛନ୍ତି। ମରାମତି ପୂର୍ବରୁ ଏହାକୁ ବ୍ୟାରିକେଟ କରି ରଖା ନ ଗଲେ ଦୁର୍ଘଟଣା ଘଟିବା ଅବସମ୍ଭାବୀ ବୋଲି କୁହାଯାଉଛି। ନିମ୍ନମାନର କାର୍ଯ୍ୟ ଓ ଜ୍ଞାନ କୌଶଳର ଅଭାବ ଯୋଗୁ ବାରମ୍ବାର ପୋଲରେ ଫାଟ ସୃଷ୍ଟି ହେଉଛି। ଅନ୍ୟପକ୍ଷରେ ବ୍ୟାରକେଟ କରି ରଖାଯିବାକୁ ବ୍ୟବସ୍ଥା ଚାଲିଥିବା ବଳ ସୂଚନା ଦେଇଛନ୍ତି।


ଫାଟ ସ୍ଥାନରେ ପୋଲିସ ଅଧିକାରୀ ଅନୁଧ୍ୟାନ କରୁଛନ୍ତି ।

# ନଦୀକୂଳିଆଙ୍କ ମନରେ ଛନକା

**ବ୍ରାହ୍ମଣୀ ଓ ଖରସ୍ରୋତାରେ ପ୍ରଥମ ବନ୍ୟାଜଳ**

- ୧୭ ପଞ୍ଚାୟତର ୨୦୦୦ ହେକ୍ଟରରୁ ଊର୍ଦ୍ଧ୍ୱ ଚାଷ ଜମି ଜଳ ମଗ୍ନ
- ପରିବା ଫସଲ କ୍ଷତିଗ୍ରସ୍ତ, ବନ୍ୟା ବଢ଼ାଇବ ପରିବା ଦର
- ବନ୍ୟାଜଳ ଘେରରେ ଟିକରପଡ଼ାର ପଞ୍ଚାୟତର ବାସେଲି ସାହି


ରାସ୍ତା ବୁଡ଼ି ବନ୍ୟାଜଳ ପ୍ରବାହିତ ହେଉଛି ।


ପରିବା ଫସଲରେ ବନ୍ୟାଜଳ ମାଡ଼ିଯାଇଛି ।

ରସୁଲପୁର,୩।୮(ରଞ୍ଜିତ ରାଉତ):

ରସୁଲପୁର ବ୍ଲକର ୨୮ ପଞ୍ଚାୟତକୁ ବ୍ରାହ୍ମଣୀ ଓ ତା'ର ଶାଖା ନଦୀ ଖରସ୍ରୋତା ଘେରିଛି। ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ବ୍ରାହ୍ମଣୀ ଓ ଖରସ୍ରୋତାରେ ପ୍ରଥମ ବନ୍ୟାଜଳ ପ୍ରବାହିତ ହେଉଛି। ଉଭୟ ନଦୀ ପଠାରେ ଥିବା ଚାଷ ଜମିରେ ବନ୍ୟାଜଳ ମାଡ଼ିଯାଇଛି। ଏଭଳି ସ୍ଥିତିରେ ରସୁଲପୁର ବ୍ଲକର ବ୍ରାହ୍ମଣୀ ନଦୀ ଅବବାହିକାରେ ଅବସ୍ଥିତ କଲଣ, ଜାବରା, ସିଂହାପୁର, ବାରବାଟୀ, ପ୍ରଥମାଖଣ୍ଡି, ଅତଲାପୁର, ରାଜେନ୍ଦ୍ରପୁର, ସାମନ୍ତରାପୁର, ମଙ୍ଗରାଜପୁର, ବନ୍ଧଡିହ ଓ ଖରସ୍ରୋତା ନଦୀ ପଠାରେ ଅବସ୍ଥିତ ଶ୍ରୀବନ୍ତପୁର, ଟିକରପଡ଼ା, ଗନ୍ଧଣ, ଭୋଟକା, ରସୁଲପୁର, ବାହାଦଲାପୁର ଓ ନରସିଂହପୁର ଆଦି ୧୭ ପଞ୍ଚାୟତର ପ୍ରାୟ ୨ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ପରିବା ଓ ଧାନ କ୍ଷେତରେ ପାଣି ମାଡ଼ିଯାଇଛି। ନଦୀକୂଳିଆବାସୀଙ୍କ ମନରେ ଛନକା ପଶିଛି।

ସାଧାରଣତଃ ଖରିଫ ଋତୁରେ ନଦୀପଠାରେ ଅଧିକ ପନିପରିବା ଚାଷ ହୋଇଥାଏ। ବନ୍ୟାଜଳ ମାଡ଼ିଯିବା ଯୋଗୁ ପନିପରିବା ଫସଲ ଅଧିକ ପ୍ରଭାବିତ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ବନ୍ୟା ପରବର୍ତ୍ତୀ ଅବସ୍ଥାରେ ପରିବା ଦର ଆହୁରି ବଢ଼ିବ ବୋଲି କୁହାଯାଉଛି। ଟିକରପଡ଼ା ପଞ୍ଚାୟତ ନଦୀପଠାରେ ବସବାସ କରୁଥିବା କୁଜିବର ଗ୍ରାମର ବାସେଳିସାହି ବନ୍ୟାଜଳ ଘେରରେ ରହିଛି। ବାହାଦଲାପୁର ପଞ୍ଚାୟତର ସରିଫାବାଦ ଗ୍ରାମରେ ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ପ୍ରବେଶ କରିଛି। ବାସେଳି ସାହିକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଗାଁକୁ ସଂଯୋଗ କରୁଥିବା ରାସ୍ତା ଉପରେ ୩ଫୁଟ୍ ଉଚ୍ଚର ପାଣି ପ୍ରବାହିତ ହେଉଛି। ଅତଲାପୁର ପଞ୍ଚାୟତର ଗଣେଶ ପାଟଣା, ପ୍ରଥମାଖଣ୍ଡି ପଞ୍ଚାୟତର ଗୋପାଳପାଟଣା, ପହଁଗା ପଞ୍ଚାୟତର ଯୋକଡ଼ିଆ, ବନ୍ଧଡିହ ଓ ସାମନ୍ତରାପୁର ପଞ୍ଚାୟତ ଆଦିରେ ଥିବା ଘେରିବନ୍ଧ ଉବୁଟୁବୁ ହେବାକୁ ବସିଲାଣି। ରାତିରେ ନଦୀର ଜଳସ୍ତର ବଢ଼ିଲେ ଘେରିବନ୍ଧ ବୁଡ଼ି ଗାଁରେ ପାଣି ପଶିଯିବ। ଏହାକୁ ନେଇ ଘେରିବନ୍ଧ ମଧ୍ୟରେ ଥିବା ଜନବସତି ଲୋକଙ୍କ ଆଖିରୁ ନିଦ ହଜିଯାଇଛି। ଏଥିପ୍ରତି ପ୍ରଶାସନ ପକ୍ଷରୁ ତୀକ୍ଷ୍ଣ ଦୃଷ୍ଟି ଦିଆଯାଇଛି।

ରେଙ୍ଗାଲି ଡ୍ୟାମରୁ ବନ୍ୟାଜଳ ଛଡ଼ାଯିବା ସମ୍ଭାବନା କମ୍ ଥିବାରୁ ବ୍ରାହ୍ମଣୀରେ ବନ୍ୟା ସ୍ଥିତି ନିୟନ୍ତ୍ରଣାଧୀନ ରହିବ ବୋଲି ପ୍ରଶାସନିକସ୍ତରରେ ଆକଳନ କରାଯାଉଛି। ତଥାପି ବିପଦ ଟଳି ନାହିଁ, ଡ୍ୟାମର ତଳିଆ ଅଞ୍ଚଳରେ ଲଗାଣ ବର୍ଷା ଯୋଗୁ ବନ୍ୟା ସ୍ଥିତି ଗମ୍ଭୀର ହୋଇପାରେ ବୋଲି କୁହାଯାଉଛି। ଏବେ ନଦୀର ଜଳସ୍ତର ସ୍ଥିର ରହିଛି। ଏହାଉପରେ ଆହୁରି ୧ ଫୁଟ୍ ଜଳସ୍ତର ବଢ଼ିବ ବୋଲି ପ୍ରଶାସନ ଆକଳନ କରୁଛି। ଜଳ ସମ୍ପଦ ବିଭାଗ ପକ୍ଷରୁ ନଦୀବନ୍ଧର ଦୁର୍ବଳସ୍ଥାନଗୁଡ଼ିକୁ ଚିହ୍ନଟ କରାଯାଇ ତା'ଉପରେ ସତର୍କ ଦୃଷ୍ଟି ରଖାଯାଇଛି। ରସୁଲପୁର ବିଡିଓ ଅବନିକାନ୍ତ ସାହୁଙ୍କ ପକ୍ଷରୁ ବନ୍ୟା ମୁକାବିଲା ପାଇଁ ସମସ୍ତ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ବ୍ରାହ୍ମଣୀ ଓ ତା'ର ଶାଖା ନଦୀରେ ବନ୍ୟା ସ୍ଥିତି ଗମ୍ଭୀର ହେବା ସମ୍ଭାବନା କମ୍ ବୋଲି ବିଡିଓ ସାହୁ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ପ୍ରତ୍ୟେକ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଆରଏସ ଓ ଅନ୍ୟ ବିଭାଗର ଅଧିକାରୀଙ୍କୁ ଆଲର୍ଟ କରାଯାଇଛି। ବ୍ଲକରେ ୨୪ଘଣ୍ଟିଆ କଂଟ୍ରୋଲ ରୁମ୍ ଖୋଲାଯାଇଛି। ପ୍ରତି ଘଣ୍ଟାରେ ନଦୀକୂଳିଆ ପଞ୍ଚାୟତର ବନ୍ୟା ସ୍ଥିତି ସମୀକ୍ଷା କରାଯାଉଛି।

DHARITRI
ଭୁବନେଶ୍ୱର, ଶୁକ୍ରବାର, ୪ ଅଗଷ୍ଟ, ୨୦୨୩



## ସଂକ୍ଷେପରେ

### ଓସିଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ରୋଜାଲିନ୍ ସମ୍ବର୍ଦ୍ଧିତ

ଡେରାବିଶ, ୩।୮ (ବେବର୍ତ୍ତା ଅଜୟ ଦାସ)

ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ୍ ସର୍ଭିସ୍ ୨୦୨୧ ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଥିଲା। ଏହି ପରୀକ୍ଷାରେ କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ନରସିଂହପୁର ପଞ୍ଚାୟତ ଅନ୍ତର୍ଗତ ତିଲଙ୍ଗ ଗ୍ରାମର ରୋଜାଲିନ୍‌ସାମଲ ୭୧ ର୍ୟାଙ୍କରେ ଉତ୍ତୀର୍ଣ୍ଣ ହୋଇଥିଲେ। ଏହି ଖବର ପ୍ରସାରିତ ହେବା ପରେ ବିଭିନ୍ନ ମହଲରେ ରୋଜାଲିନ୍‌ଙ୍କୁ ଶୁଭେଚ୍ଛାର ଶୁଅ ଛୁଟି ଚାଲିଛି। ଗୁରୁବାର ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ ତିଲଙ୍ଗ ଗ୍ରାମକୁ ଆସି ରୋଜାଲିନ୍‌ଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହ ଓଡ଼ିଶା ପ୍ରଶାସନିକ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରି ସାଧାରଣ ଲୋକଙ୍କୁ ସେବା ଯୋଗାଇବାକୁ ପରାମର୍ଶ ଦେଇଥିଲେ। ସାମଲଙ୍କ ସହ ଜିଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ, ନରସିଂହପୁର ସରପଞ୍ଚ ସୁଧୀର କୁମାର ଖଟୁଆଙ୍କ ସମେତ ପରିବାରର ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହିଥିଲେ।

### ଦୁର୍ଘଟଣାରେ ଯୁବକ ମୃତ

ଯାଜପୁରରୋଡ୍, ୩।୮ (ପବିତ୍ର ମହାନ୍ତି):

ଯାଜପୁରରୋଡ୍ ଥାନା ଦନିଆବର ନିକଟରେ ଦୁର୍ଘଟଣା ଘଟି ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ଅନ୍ୟଜଣେ ଗୁରୁତର ଅବସ୍ଥାରେ କଟକ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ମୃତ ଯୁବକ କୁଆଖିଆ ଥାନା ଶ୍ରୀବନ୍ତପୁର ଅଞ୍ଚଳର ସଂଗ୍ରାମ ରାଉତ(୨୧) ଓ ଗୁରୁତର ଯୁବକ କଣ୍ଟିଆକଣ ଅଞ୍ଚଳର ବଳରାମ ସ୍ୱାଇଁ (୨୨)ବୋଲି ସୂଚନା ମିଳିଛି। ଗୁରୁବାର ଅପରାହ୍ନରେ ଦୁଇ ଯୁବକ ଯାଜପୁର ରୋଡ୍ ଆଡୁ ନିଜ ଗ୍ରାମକୁ ଏକ ବାଇକ୍ ଯୋଗେ ଫେରୁଥିଲେ। ଏହି ସମୟରେ ଭାରସାମ୍ୟ ହରାଇ ଦାନିଆବର ଛକରେ ଏକ ମନ୍ଦିର ସମ୍ମୁଖରେ ଥିବା ସିମେଣ୍ଟ ଘୋଡାରେ ଉଭୟ ବାଇକ୍ ସହ ପିଟି ହୋଇ ଯାଇଥିଲେ। ଫଳରେ ଯୁବକଦ୍ୱୟ ଗୁରୁତର ହୋଇଥିଲେ। ପୋଲିସ ପହଞ୍ଚି ବାଇକ୍ ଜବତ କରିବା ସହ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ସଂଗ୍ରାମଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ବଳରାମଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାକେନ୍ଦ୍ରକୁ ଓ ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ନଂ.୩୪୬/୨୩ରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି ବୋଲି ଏସ୍‌ଆଇ ସଂଯୁକ୍ତା ବେହେରା ସୂଚନା ଦେଇଛନ୍ତି।

# ୯ ପଞ୍ଚାୟତରେ ବନ୍ୟା ପରିସ୍ଥିତି, ହରିପୁର ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ

କୁଜଙ୍ଗ, ୩।୮ (ମନୋଜ ପ୍ରଧାନ)


ଜିଲାପାଳ ବନ୍ୟା ସ୍ଥିତି ଅନୁଧ୍ୟାନ କରୁଛନ୍ତି।


ହରିପୁର ଗାଁ ରାସ୍ତାରେ ବନ୍ୟାପାଣି ଚାଲିଛି।

- ଧୋୟାବାସୀ ଆତଙ୍କିତ
- ଜିଲାପାଳ, ଉପଜିଲାପାଳ ବୁଲି ଦେଖିଲେ
- ବ୍ଲକ କର୍ମଚାରୀଙ୍କ ଛୁଟି ବାତିଲ

ମହାନଦୀରେ ପ୍ରଥମ ବନ୍ୟାଜଳ ଆସିବା ଫଳରେ କୁଜଙ୍ଗ ବ୍ଲକର ୯ଟି ପଞ୍ଚାୟତରେ ବନ୍ୟାପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ଧୋଇଆ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି । ଗୁରୁବାର କୁଜଙ୍ଗ ବ୍ଲକ ସାଇଲୋ ପଞ୍ଚାୟତର ହରିପୁର ଗ୍ରାମକୁ ବନ୍ୟାଜଳ ପ୍ରବେଶ କରି ନ ଥିଲେ ମଧ୍ୟ ଗ୍ରାମ୍ୟ ରାସ୍ତା ଧୋଇ ହୋଇ ଯାଇଛି। ଫଳରେ ଗ୍ରାମଟି ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି । ରାତିରେ ଜିଲାପାଳ ପାରୁଲ ପଟାୱରି, ଉପଜିଲାପାଳ ପ୍ରଦୀପ ସାହୁ ଓ ବିଡ଼ିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ହରିପୁରରେ ପହଞ୍ଚି ବନ୍ୟା ପରିସ୍ଥିତି ବୁଲି ଦେଖିବା ସହ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ସକାଳେ ବନ୍ୟାଜଳ ନଦୀ ଅତଡ଼ା ଖାଉଥିବା ବେଳେ ସନ୍ଧ୍ୟା ବେଳକୁ ପ୍ରାୟ ୪ଫୁଟ ବନ୍ୟାଜଳ ବଢ଼ି କୂଳ ଲଂଘିବା ଆରମ୍ଭ କରିଛି। ଏବେ ପରିବା ଦର ଆକାଶ ଛୁଆଁ ହୋଇଥିବାବେଳେ ବନ୍ୟା ଯଦି ଉଗ୍ର ରୂପ ଧାରଣ କରେ ଧୋଇଆ ଅଞ୍ଚଳର ପରିବା ଚାଷ ସମ୍ପୂର୍ଣ୍ଣ ଉଜୁଡ଼ିଯିବ । ଏନେଇ ଚାଷୀ ଓ ଖାଉଟି ଆତଙ୍କିତ ହୋଇଯାଇଛନ୍ତି ।

ଏହି ବ୍ଲକର ଜିଲାନାସି, ବଡ଼ବାଳିକଣି, ହଂସୁରା, କାଠକୋଟ ପଞ୍ଚାୟତ ସମ୍ପୂର୍ଣ୍ଣ ବନ୍ୟାଞ୍ଚଳ ହୋଇଥିବାବେଳେ, ସାଇଲୋ ପଞ୍ଚାୟତର ହରିପୁର ଗ୍ରାମ, ମହଲ୍ଲାସାହି ପଞ୍ଚାୟତର ମଧୁପୁର ଗ୍ରାମ, କୁଜଙ୍ଗ ପଞ୍ଚାୟତର ଭଣ୍ଡୁଆ ଓ ଭୂତମୁଣ୍ଡାଇ ପଞ୍ଚାୟତର ଫୁଲବେଲାରି ଗ୍ରାମ ବନ୍ୟାଞ୍ଚଳ ରୂପେ ପରିଗଣିତ। ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନ ସଜାଗ ହୋଇ ଉଠିଛି। ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କୁଜଙ୍ଗ ବ୍ଲକରେ ଗଚ୍ଛିତ ଥିବା ୩ଟି ବୋଟ ମଧ୍ୟରୁ ବ୍ଲକ ପ୍ରଶାସନ ହରିପୁର ଗାଁକୁ ୧ଟି ପଠାଇ ସାରିଛି। ବ୍ଲକର ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି । ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକମାନଙ୍କୁ ରାତିସାରା ବନ୍ୟାଞ୍ଚଳ ବୁଲି ପରିସ୍ଥିତି ଉପରେ ନିଘା ରଖିବାପାଇଁ ବ୍ଲକ ପ୍ରଶାସନ ତରଫରୁ ନିର୍ଦ୍ଦେଶ ଦିଆଯାଇଛି। ଚାରଣ ଭୂଇଁରେ ପାଣି ମାଡ଼ିଯିବାରୁ ଗୋଖାଦ୍ୟ ପାଇଁ ବ୍ଲକ ପ୍ରଶାସନ ଜିଲା ପ୍ରଶାସନ ନିକଟକୁ ପ୍ରସ୍ତାବ (ଇଣ୍ଡେଟ) ପଠାଇଛି । ଶୁକ୍ରବାର ସକାଳୁ ପ୍ରଥମେ ସବୁଜଘାସ ଯୋଗାଇଦେବାପାଇଁ ପ୍ରଶାସନ ପଦକ୍ଷେପ ନେଇଛି। ରାତିରେ ବନ୍ୟାପ୍ରଭାବିତ ଅଞ୍ଚଳର ଲୋକେ ଅନ୍ଧାରର ସମ୍ମୁଖୀନ ନ ହେବା ପାଇଁ ଆସ୍କା ଲାଇଟର ବ୍ୟବସ୍ଥା କରାଯାଇଛି । କୁଜଙ୍ଗ ବ୍ଲକରେ ୧୩ ଆସ୍କା ଲାଇଟ ମହଜୁଦ ଥିବାବେଳେ, ବାଲିକୁଦା ବ୍ଲକରୁ ୬ଟି ଓ ନାଉଗାଁ ବ୍ଲକରୁ ୧ଟି ଆସ୍କା ଲାଇଟ ଅଣାଯାଇ ମୋଟ ୨୦ଟି ଆସ୍କା ଲାଇଟ୍ ପ୍ରସ୍ତୁତ ରଖାଯାଇଛି। ପ୍ରାଥମିକ ଅବସ୍ଥାରେ ୩୦ କୁଇଣ୍ଟାଲ ଚୁଡ଼ା ଓ ୧୦ କୁଇଣ୍ଟାଲ ଗୁଡ଼ ଯୋଗାଇ ଦେବାପାଇଁ ବ୍ଲକ ପ୍ରଶାସନ ତରଫରୁ ଜିଲା ପ୍ରଶାସନକୁ ଅବଗତ କରାଯାଇଛି ବୋଲି ବିଡିଓ ସୋମ୍ୟଶ୍ରୀ ପାଣିଗ୍ରାହୀ କହିଛନ୍ତି। ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର ସମ୍ଭାବ୍ୟ ବନ୍ୟା ସମ୍ପର୍କରେ କହିଛନ୍ତି, ଜନସାଧାରଣଙ୍କୁ ସତର୍କ ରହିବାପାଇଁ କୁହାଯାଇଛି।

# ମାନପୁର-ଗୋବିନ୍ଦପୁର ରାସ୍ତା ପାଲଟିଛି ମରଣଯନ୍ତା


ମାନପୁର-ଗୋବିନ୍ଦପୁର ରାସ୍ତା ଖାଲଖମାରେ ଭର୍ତ୍ତି।

ଆଳି, ୩।୮ (ବନମାଳୀ ସେନାପତି )

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ମାନପୁର-ଗୋବିନ୍ଦପୁର ରାସ୍ତା ମରଣଯନ୍ତା ପାଲଟିଛି। ଆଳି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଏହି ରାସ୍ତା ଉପରେ ଅଞ୍ଚଳର ୧୦ଟି ପଞ୍ଚାୟତର ୫୦ ହଜାରରୁ ଊର୍ଦ୍ଧ୍ୱ ଅଧିବାସୀ ନିର୍ଭର କରନ୍ତି। ଏହି ରାସ୍ତା ଦେଇ ଦୈନିକ ଜରୁରିକାଳୀନ ଗାଡ଼ି ସହ ଅନ୍ୟ ଯାନବାହନ କେନ୍ଦ୍ରାପଡ଼ାରୁ ଯାଜପୁର ଓ ଯାଜପୁରରୁ କେନ୍ଦ୍ରାପଡ଼ାକୁ ଯାତାୟାତ କରିଥାନ୍ତି। ବିଭାଗ ପକ୍ଷରୁ ପ୍ରତିବର୍ଷ ଏହି ରାସ୍ତା ମରାମତି ବାବଦରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଅବସ୍ଥା କିନ୍ତୁ ବଦଳୁ ନାହିଁ। ମରାମତି ହେବାର ଅଳ୍ପଦିନ ବ୍ୟବଧାନରେ ରାସ୍ତାଟି ଖାଲଖମାରେ ଭର୍ତ୍ତି ହୋଇଯାଉଛି। ରାସ୍ତାରେ ଭାରିଯାନ ଯାତାୟାତ କରୁଥିବାରୁ ରାସ୍ତା ନଷ୍ଟ ହେଉଛି। ରାସ୍ତାରେ ଖାଲଖମା ସୃଷ୍ଟି ଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ତେଣୁ ଏହି ରାସ୍ତା ଏବେ ମରାମତି ହେବାର ଆବଶ୍ୟକତା ଦେଖାଦେଇଛି। ତେଣୁ ରାସ୍ତା ମରାମତି ସମୟରେ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଯାତାୟାତ ଉପଯୋଗୀ ହେବା ଭଳି କାମ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଏ ସମ୍ପର୍କରେ ଆଳି ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀ ଲକ୍ଷ୍ମୀକାନ୍ତ ରାଉତଙ୍କୁ ପଚାରିବାରୁ ରାସ୍ତା ମରାମତି ପାଇଁ ସରକାରୀ ଅନୁଦାନ ଆସିଛି। ଆସନ୍ତା ସପ୍ତାହରେ ଟେଣ୍ଡର ହେବାର ଅଛି। ବର୍ଷାଦିନ ପରେ ରାସ୍ତା ମରାମତି କରାଯିବ ବୋଲି ସେ କହିଛନ୍ତି।

# ଏସ୍‌ଏଚ୍‌ଜି ସଦସ୍ୟାଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ




ବିରିଡ଼ି, ୩।୮ (ପ୍ରଶାନ୍ତ କୁମାର ରାଉତ)

ବିରିଡ଼ି ବ୍ଲକ ମିଶନଶକ୍ତି ପକ୍ଷରୁ ଗୁରୁବାର ଏସଏଚ୍‌ଜି ସଦସ୍ୟାଙ୍କ ପାଇଁ ବ୍ୟାଙ୍କ ଋଣ ଓ ସୁଧ ଫେରସ୍ତ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ପୁରଣ ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ପ୍ରକଳ୍ପ ସଂଯୋଜକ ବିଜୟ ରଣା, କାନାରା ବ୍ୟାଙ୍କ ଶାଖା ପରିଚାଳକ ସ୍ୱାଧୀନ ପଟ୍ଟନାୟକ, ସରପଞ୍ଚ ଯୁଧିଷ୍ଠିର ବେହେରା, ଜ୍ୟୋତି ମହାସଂଘର କାର୍ଯ୍ୟକାରୀ ସଦସ୍ୟ ଲକ୍ଷ୍ମୀପ୍ରିୟା ଦାସ, ପ୍ରକଳ୍ପ ସହାୟକ ଡମ୍ବରୁଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରକଳ୍ପ ସଂଯୋଜକ ରଣା କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଏସଏଚଜି ସଦସ୍ୟାଙ୍କ ନିମନ୍ତେ ବ୍ୟାଙ୍କ ଋଣ ବ୍ୟବସ୍ଥା, ମିଶଶକ୍ତି ଋଣ ସୁଧ ରିହାତି ବ୍ୟବସ୍ଥା, ଋଣ ପାଇବା ପ୍ରକ୍ରିୟା ଉପରେ କାର୍ଯ୍ୟକ୍ରମରେ ଗୁରୁତ୍ୱ ଦିଆଯାଇଥିଲା। ଏହାଛଡ଼ା ମିଶନଶକ୍ତି ପଞ୍ଚାୟତସ୍ତରୀୟ ସଂଘ ଏବଂ ବ୍ଲକସ୍ତରୀୟ ମହାସଂଘର ଭୂମିକା, ମମତା ଯୋଜନା, ବିଜୁ ସ୍ୱାସ୍ଥ୍ୟକଲ୍ୟାଣ ଯୋଜନା, ମିଶନଶକ୍ତି ବିଭାଗ ସହ ଅନାନ୍ୟ ବିଭାଗର ସହଭାଗିତାରେ ହେଉଥିବା କାର୍ଯ୍ୟକ୍ରମ ତଥା ଏସ୍‌ଏଚଜି ଗୋଷ୍ଠିମାନେ କିପରି କ୍ଷୁଦ୍ର ମଧ୍ୟମ ଉଦ୍ୟୋଗି ହୋଇପାରିବେ ସେ ବିଷୟରେ ଆଲୋକପାତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବିରିଡି ବ୍ଲକର ମଙ୍ଗୁଲି, ପୁରଣ ଓ ବାଗଲପୁର ର ୧୩୦ଜଣ ଏସ୍‌ଏଚ୍‌ଜି ସଦସ୍ୟା ଯୋଗଦେଇଥିଲେ । ୩ ପଞ୍ଚାୟତର ସିଆରପି, ଏମ୍‌ବିକେ ଏବଂ ବ୍ୟାଙ୍କ ମିତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ବୈତରଣୀ ପୋଲରେ ଫାଟ

ପାଣିକୋଇଲି, ୩।୮ (ବିକାଶ ମଲ୍ଲିକ):

ପାଣିକୋଇଲି ଥାନା ଅନ୍ତର୍ଗତ ବୈତରଣୀ ନଦୀର ବ୍ରଜନଗର ଆଖୁଆପଦା ମୁଖ୍ୟ ପୋଲରେ ଫାଟ ଦେଖାଦେଇଛି। ଫଳରେ ଦୁର୍ଘଟଣାର ଆଶଙ୍କା ରହିଛି। ରସୁଲପୁରରେ ପୋଲ ଭୁଶୁଡ଼ିବା ଘଟଣା ଲୋକଙ୍କ ମନରୁ ନ ଲିଭିଥିବାବେଳେ ବୈତରଣୀ ପୋଲର ଦୁଇ ସ୍ଲାପ ମଝିରେ ଫାଟ ସୃଷ୍ଟି ହେବାରୁ ପୁଣି ପୋଲ ଭୁଶୁଡ଼ିବାର ଭ୍ରମ ସୃଷ୍ଟି କରୁଛି। ଏକା ସମୟରେ ଏହି ବ୍ରିଜ ନିମାଣ କରାଯାଇଥିଲା। ଭଦ୍ରକରୁ କଟକ ଆସିବା ବ୍ରିଜରେ ଏଭଳି ଅବସ୍ଥା ଦେଖାଦେଇଛି। ଏହି ଖବର ପାଇ ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ କୁମାର ବଳ ଘଟଣାସ୍ଥଳରେ ପହଞ୍ଚି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଗୋଚର କରିଛନ୍ତି। ମରାମତି ପୂର୍ବରୁ ଏହାକୁ ବ୍ୟାରିକେଟ କରି ରଖା ନ ଗଲେ ଦୁର୍ଘଟଣା ଘଟିବା ଅବସମ୍ଭାବୀ ବୋଲି କୁହାଯାଉଛି। ନିମ୍ନମାନର କାର୍ଯ୍ୟ ଓ ଜ୍ଞାନ କୌଶଳର ଅଭାବ ଯୋଗୁ ବାରମ୍ବାର ପୋଲରେ ଫାଟ ସୃଷ୍ଟି ହେଉଛି। ଅନ୍ୟପକ୍ଷରେ ବ୍ୟାରକେଟ କରି ରଖାଯିବାକୁ ବ୍ୟବସ୍ଥା ଚାଲିଥିବା ବଳ ସୂଚନା ଦେଇଛନ୍ତି।


ବୈତରଣୀ ନଦୀ ଫାଟ ସ୍ଥାନରେ ପୋଲିସ ଅଧିକାରୀ ଅନୁଧ୍ୟାନ କରୁଛନ୍ତି।

# ଲୁହାପଥର ଚୋରା ଚାଲାଣବେଳେ ପୋଲିସ ଚଢ଼ାଉ

କଳିଙ୍ଗନଗର, ୩।୮ (ଶୁଭାଶିଷ ରାଉତ)

### ଡମ୍ଫର, ହାଇୱା ଜବତ, ଡ୍ରାଇଭର ଗିରଫ

ଲୁହାପଥର ଚୋରା ଚାଲାଣ ଯୋଜନାବେଳେ କଳିଙ୍ଗନଗର ପୋଲିସ ଚଢ଼ାଉ କରିଛି। ମୂଳଚାଲ ଚାଲିଥିବା ବେଳେ ପୋଲିସ ସେଠାରୁ ପଶ୍ଚିମବଙ୍ଗର ଏକ ହାଇୱା ଓ ସ୍ଥାନୀୟ ଅଞ୍ଚଳର ଏକ ଡ଼ମ୍ଫର ଜବତ କରିଛି । ଏହି ଘଟଣାରେ ପୋଲିସ ହାଇୱା ଚାଳକଙ୍କୁ ଗିରଫ କରିଛି । ଡମ୍ଫର ଡ୍ରାଇଭର୍ ଫେରାର ହୋଇଯାଇଛନ୍ତି। ବୁଧବାର ଅପରାହ୍ନରେ କଳିଙ୍ଗନଗର ଥାନା କମଳାବାହାଳି ନିକଟରେ ଚୋରା ଲୁହାପଥର ବିକ୍ରି ପାଇଁ କଥାବାର୍ତ୍ତା ଚାଲିଥିଲା। ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ଘଟଣାରେ ପୋଲିସ ବିହାର ଭାଗଲପୁର ଅଞ୍ଚଳର ସନ୍ତୋଷ ରାୟଙ୍କୁ ଗିରଫ କରିଛି। ଚୋରା ଲୁହାପଥର ନେବାକୁ ଆସିଥିବା ହାଇୱା (ନଂ.ଡବ୍ଲ୍ୟୁ-ବି ୯୩- ଏ -୭୭୫୮) ସହିତ ଲୁହାପଥର ଦେଉଥିବା ଡମ୍ଫର (ନଂ.୦୯-ଏଫ ୭୨୬୬)କୁ ପୋଲିସ ଜବତ କରିଛି। ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୧୪୨ /୨୩ )ରୁଜୁ କରାଯାଇ ତଦନ୍ତ ଚାଲିଛି । ଗାଡ଼ିରେ ୧୫ ଟନ୍‌ରୁ ଅଧିକ ଲୁହାପଥର ରହିଛି। ସୂଚନା ମୁତାବକ ଦୈତାରୀ ଲୌହ ଖଣିରୁ ବିଭିନ୍ନ କାରଖାନାକୁ ଲୁହାପଥର ପରିବହନ କରୁଥିବା ଗାଡ଼ିମଧ୍ୟରୁ କେତେକ ଗାଡ଼ି ନିୟମିତ ଭାବେ ଲୁହାପଥର ଚୋରି କରୁଥିବା ଜଣାପଡ଼ିଛି। ପରିବହନ କରୁଥିବା ଠିକା ସଂସ୍ଥାର ଅସାଧୁ କର୍ମଚାରୀଙ୍କ ସମ୍ପୃକ୍ତିରେ ଗାଡି ଗୁଡିକ ଏହି କାରବାର କରିବାକୁ ସକ୍ଷମ ହେଉଛନ୍ତି।

# ଭାରତୀୟ ଉପକୂଳ ଜଳବାୟୁ ନମନିୟତା ବୃଦ୍ଧି କର୍ମଶାଳା



ରାଜନଗର, ୩।୮ (ଭାସ୍କର ରାଉତରାୟ)

ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ପରିସରରେ ଭାରତୀୟ ଉପକୂଳ ଜଳବାୟୁ ନମନିୟତା ବୃଦ୍ଧି ଏବଂ ବନ ବିଭାଗ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ନେଇ ଏକ ଦିନିକିଆ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ରେଞ୍ଜ ଅଫିସର ମାନସ କୁମାର ଦାସ ଯୋଗଦେଇ ଜଳବାୟୁ ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ ଏବଂ ନମନିୟତାର ବୃଦ୍ଧି ସମ୍ବନ୍ଧରେ ମହିଳାଙ୍କୁ ବୁଝାଇ ଥିଲେ। ଏହି କାର୍ଯ୍ୟକ୍ରମକୁ ବନପାଳ ସୁନିଲ ରଞ୍ଜନ ରାଉତରାୟ, ସୋନାଲି ମଲିକ ପ୍ରମୁଖ ପରିଚାଳନା କରିଥିଲେ। ଡାଙ୍ଗମାଳ ଅଞ୍ଚଳର ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଏଥିରେ ଅଂଶଗ୍ରହଣ କରିଥିଲେ।

# ବନ୍ୟା ସମୟରେ ତାଳଦଣ୍ଡା କେନାଲ ସଫେଇ

ପାରାଦୀପ, ୩।୮ (ଶରତ ରାଉତ)


ମେଶିନ ସାହାଯ୍ୟରେ ତାଳଦଣ୍ଡା କେନାଲ ସଫା କରାଯାଉଛି।

ପାରାଦୀପର ଜୀବନରେଖା କୁହାଯାଉଥିବା ତାଳଦଣ୍ଡା କେନାଲ ଏବେ ସଫେଇ ହେଉଛି। କେନାଲରେ ଥିବା ଯାବତୀୟ ଦଳକୁ ମେଶିନ ଦ୍ୱାରା କଢ଼ା ଯାଇ ରାସ୍ତା କଡ଼ରେ ରଖାଯାଉଛି। ପରେ କେନାଲରେ ଥିବା ପରିତ୍ୟକ୍ତ ପାଣିକୁ ଅଠରବାଙ୍କି ଲକ୍ ବାଟେ ନିଷ୍କାସନ କରାଯିବ। ଏଭଳି ବ୍ୟବସ୍ଥା କେବଳ ବନ୍ୟା ସମୟରେ କରାଯାଇଥାଏ ବୋଲି ଜଳ ସମ୍ପଦ ବିଭାଗ ପକ୍ଷରୁ ସୂଚନା ମିଳିଛି।

ସୂଚନାଯୋଗ୍ୟ, ଏହି କେନାଲ ଇଂରେଜ ଶାସନ ସମୟ ୧୮୬୬ରେ କରାଯାଇଥିଲା। କଟକ ଜୋବ୍ରାଠାରୁ ପାରାଦୀପର ଚଉମୁହାଣୀ ପର୍ଯ୍ୟନ୍ତ ଏହା ଥିଲା। ଏଥିରେ ୨ଟି ଶାଖା କେନାଲ (ତାଳଦଣ୍ଡା ଓ ମାଛଗାଁ)ସମେତ ୧୭ ଟି ଲକ ରହିଛି। ଜଗତ୍‌ସିଂହପୁର ଜିଲାର କୃଷି ପାଇଁ ଏହା ବ୍ୟବହାର ହେବା ସହ ଏଥିରେ ପଣ୍ୟ କାରବାର ହେଉଥିଲା। ବୋଇତରେ ପଣ୍ୟ ଆସି ଚଉମୁହାଣୀଠାରେ ରୁହେ। ପରେ ଛୋଟ ଡଙ୍ଗା ଦ୍ୱାରା କଟକ ମାଲଗୋଦାମ ପର୍ଯ୍ୟନ୍ତ ଯାଇଥାଏ। ୧୯୬୦ ଦଶକରେ ପାରାଦୀପ ବନ୍ଦର ହେବା ପରେ ପାଣି ପାଇଁ ଏହି କେନାଲ ଦରକାର ପଡ଼ିଥିଲା। ସେଥିପାଇଁ ନୂଆଗଡ଼ ପଞ୍ଚାୟତ ସିଙ୍ଗଟାଳୀଠାରୁ ଅଠରବାଙ୍କି ପର୍ଯ୍ୟନ୍ତ ପାରାଦୀପ ବନ୍ଦର କେନାଲ ଖୋଳି ପାଣି ବ୍ୟବହାର କରୁଥିଲେ। ପରେ ସେହି କେନାଲ ପାଣି ପାରାଦୀପର ସମସ୍ତ ଶିଳ୍ପସଂସ୍ଥା ନେଇ ବ୍ୟବହାର କରୁଛନ୍ତି। ପୂର୍ବଭଳି ଆଉ ଚାଷ ପାଇଁ ପାଣି ଯାଉନାହିଁ।

ତାଳଦଣ୍ଡା କେନାଲର ଖନନ କାର୍ଯ୍ୟ ୨୦୧୩ରୁ ଆରମ୍ଭ ହୋଇଛି। ପ୍ରତିବର୍ଷ ଖରାଦିନେ ପାଣି ଯୋଗାଣ ବନ୍ଦ କରାଯାଉଛି। ଯେଉଁଥି ପାଇଁ ପାରାଦୀପରେ ଖରାଦିନେ ଜଳା ଭାବ ଦେଖାଦେଉଛି। ଚଳିତବର୍ଷ ଜୋବ୍ରାଠାରେ ପାଣି ନ ଥିବାରୁ କେନାଲରେ ପାଣି ଯୋଗାଣ ବିଳମ୍ବ ହୋଇଥିଲା। ଏବେ ବନ୍ୟା ଜଳ ଆସିବା ପରେ କେନାଲରେ ପାଣି ଯୋଗାଣ କରାଯିବା ସହ ସଫେଇ ହେଉଛି ବୋଲି ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ଦେବାଶିଷ ମହାନ୍ତି କହିଛନ୍ତି। ଏବେ ବନ୍ୟା ପରିସ୍ଥିତି ପାଇଁ ଓଡ଼ିଶାର ଅଧିକାଂଶ ଅଞ୍ଚଳରେ ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି ହୋଇଛି। କିନ୍ତୁ ସେହି ବନ୍ୟା ଜଳ ତାଳଦଣ୍ଡା କେନାଲ ପାଇଁ ଆଶ୍ରୀବାଦ ସାଜିଛି।

## ସଂକ୍ଷେପରେ

### ସାପ କାମୁଡ଼ାରେ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

ଫୁଲବାଣୀ, ୩।୮ (ରାକେଶ ରାଉତ)

କନ୍ଧମାଳ ଜିଲା ଚକାପାଦ ଥାନା ଲାଇନପଡ଼ା ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ସାପ କାମୁଡ଼ାରେ ସ୍ୱାମୀଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍ତ୍ରୀ ଗୁରୁତର ଅବସ୍ଥାରେ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ମୃତକ ହେଲେ ବିମଳ କହଁର। ମିଳିଥିବା ସୂଚନା ଅନୁସାରେ ବୁଧବାର ରାତିରେ ଦମ୍ପତି ଘରେ ଶୋଇଥିବା ବେଳେ ଏକ ବିଷଧର ସାପ ବିମଳଙ୍କ ବାମ ହାତ ତାଙ୍କ ସ୍ତ୍ରୀ ଭିମାଙ୍କ ଡାହାଣ ହାତକୁ କାମୁଡ଼ିଥିଲା। ଉଭୟେ ଏହା ଜାଣିବା ପରେ ପରିବାର ଲୋକେ ସେମାନଙ୍କୁ ସଙ୍ଗେ ସଙ୍ଗେ ଖଜୁରିପଡ଼ା ମେଡିକାଲ ରେ ଭର୍ତ୍ତି କରିଥିଲେ। ସେଠାରୁ ଗୁରୁତର ଅବସ୍ଥାରେ ଫୁଲବାଣୀ ମେଡିକାଲକୁ ନିଆଯାଇଥିଲେ ମଧ୍ୟ ବିମଳଙ୍କ ମୃତ୍ୟୁ ଘଟିଥିଲା।

### ଚୋରି ଘଟଣାରେ ୨ ଗିରଫ

ଖଲ୍ଲିକୋଟ,୩।୮(ପ୍ରଶାନ୍ତ କୁମାର ମିଶ୍ର): ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ବୀରକୃଷ୍ଣ ଶରଣପୁର (ବାଟଗାଁ) ଅବସରପ୍ରାପ୍ତ ବିଦ୍ୟୁତ କର୍ମଚାରୀ ପଞ୍ଚୁ ନାୟକଙ୍କ ଘରୁ ୧ ଲକ୍ଷ ୩୫ ହଜାର ଟଙ୍କା ଚୋରି ହୋଇଥିଲା। ଖଲ୍ଲିକୋଟ ଥାନାରେ ପଞ୍ଚୁ ଅଭିଯୋଗ କରିଥିଲେ। ପୋଲିସ ବାଟଗାଁରୁ ୧ ଲକ୍ଷ ୩୫ ହଜାର ଟଙ୍କା ଜବତ କରିବା ସହ ୨ ଚୋରଙ୍କୁ ଗିରଫ କରିଛି। ସେମାନେ ହେଲେ ସୂର୍ଯ୍ୟ ସେଠୀ ଓ ସନିଆ ସେଠୀ। ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ଥାନା ଏସଆଇ ପିଙ୍କିନି ପଟ୍ଟନାୟକ, ଏଏସଆଇ ହରେକୃଷ୍ଣ ସାମଲ, କନଷ୍ଟେବଲ ରୁଦ୍ର ପ୍ରସାଦ ଭଞ୍ଜମିଶ୍ର ଓ ମନୋରଞ୍ଜନ ଦାସ ପ୍ରମୁଖ ଗୁରୁବାର ସକାଳେ ବାଟଗାଁରୁ ସଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲେ।

### ନୂତନ ବିଇଓଙ୍କ ଯୋଗଦାନ

ଧରାକୋଟ, ୩।୮ (ବିଷ୍ଣୁକେଶରୀ ଆଚାର୍ଯ୍ୟ)-ଧରାକୋଟ ବ୍ଲକରେ ଶୁକ୍ରବାର ସ୍ଥାୟୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବରେ ଲିଙ୍ଗରାଜ ସ୍ୱାଇଁ ଯୋଗଦାନ କରିଛନ୍ତି। ଭାରପ୍ରାପ୍ତ ବିଇଓ ଅଭିମନ୍ୟୁ ସାହୁଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ହୋତା, ପ୍ରଦୀପ କୁମାର ଶତପଥୀ, ଉମା ଚରଣ ପାଣିଗ୍ରାହୀଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହା ପରେ ସମସ୍ତ ସିଆରସିସି ଓ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସଭାପତି ଶକ୍ତି ବେହେରାଙ୍କ ଉପସ୍ଥିତିରେ ନୂତନ ବିଇଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ନୂତନ ବିଇଓ ବ୍ରହ୍ମପୁର ସ୍ଥିତ ସରକାରୀ ବିନାୟକ ଆଚାର୍ଯ୍ୟ ସ୍ମୃତି ମ୍ୟୁନିସିପାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ଭାବରେ କାର୍ଯ୍ୟରତ ରହିଥିବା ବେଳେ ତାଙ୍କୁ ସରକାରଙ୍କ ତରଫରୁ ସ୍ଥାୟୀ ବିଇଓ ଭାବରେ ଏଠାରେ ନିଯୁକ୍ତି ଦିଆଯାଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇଛି।

# ଅଦରକାରୀ ଜିନିଷରୁ ପ୍ରସ୍ତୁତ ଉପକରଣ ଦେଲା ପରିଚୟ

## ସହାୟତା ମିଳିଲେ ତାଲିମ ଦେବେ ରୋଜାଲୀ



କବିସୂର୍ଯ୍ୟନଗର,୩।୮ (କୃପାସିନ୍ଧୁ ସ୍ୱାଇଁ)

ବଦଳୁଛି ଯୁଗ । ତା ସାଙ୍ଗରେ ବଦଳୁଛି ଆମ ଜୀବନଶୈଳୀ। ସମୟକୁ ତାଳ ଦେଇ ପାରମ୍ପରିକ ବୃତ୍ତି, ପରମ୍ପରାକୁ ବ୍ୟାହିଦେଇ ସମସ୍ତେ ୟୁଜ ଏଣ୍ଡ ଥ୍ରୋ ଜିନିଷ ବ୍ୟବହାର କରିବାରେ ଲାଗିଛନ୍ତି । ଏହି କ୍ରମରେ ପ୍ଲାଷ୍ଟିକରେ ପ୍ରସ୍ତୁତ ସାମଗ୍ରୀ ଚାହିଦା ବଢ଼ିବାରେ ଲାଗିଛି। ଏଥିପାଇଁ ମାଟି, ବାଉଁଶ, କଂସା, ପିତଳ, ତମ୍ବା ଭଳି ଅନ୍ୟାନ୍ୟ ପାରମ୍ପରିକ ସାମଗ୍ରୀର ଚାହିଦା ଦିନକୁ ଦିନ କମିବାରେ ଲାଗିଛି।

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ନିମୁଣ୍ଡିଆ ଗ୍ରାମର ରୋଜାଲୀ ବାଡ଼ତ୍ୟା ରୋଜାଲୀ ନିଜ ଦକ୍ଷତା ବଳରେ ଅଦରକାରୀ ଜିନିଷରୁ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରି ନିଜେ ରୋଜଗାର କରିବା ସହ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସକ୍ଷମ ହୋଇପାରିଛନ୍ତି। ଫୋପାଡ଼ି ଦିଆଯାଉଥିବା ବିଭିନ୍ନ ପ୍ରକାର ବୋତଲ,ପ୍ଲାଷ୍ଟିକ ଦଉଡ଼ି, ସ୍ପଞ୍ଜ, ଦରଜୀର ଅବ୍ୟବହୃତ ଫୋପଡ଼ା କନା,ମାଟି ମାଠିଆ ଓ ସରା, ଚେୟାର ଆଦିରେ ଏକ ନୂଆ ଆକର୍ଷିତ ରୂପ ଦିଅନ୍ତି ରୋଜାଲୀ । ରୋଜାଲୀଙ୍କ ବୟସ ୧୯ ବର୍ଷ । ବାପା ବନବିହାରୀ ଓ ଭାଇ ମଙ୍ଗୁଲୁ ଦାଦନ ଶ୍ରମିକ ଭାବେ କାମ କରନ୍ତି। ୩ ଭଉଣୀ ମଧ୍ୟରେ ବଡ଼ ଭଉଣୀ ଉର୍ମିଳା ସିଆରପିଏଫ ବିଭାଗରେ, ମଝିଆ ଭଉଣୀ ସଂଗୀତା ବିଭିନ୍ନ ଚାକିରୀ ପାଇଁ ଆବେଦନ ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ରୋଜାଲୀ ସାନ । ପାଇକଯମୁନା ହାଇସ୍କୁଲରେ ମାଟ୍ରିକ ପରେ କବିସୂର୍ଯ୍ୟନଗର କଲେଜରୁ ଯୁକ୍ତ ଦୁଇ ବାଣିଜ୍ୟ ପଢ଼ିଛନ୍ତି। ସେବେଠୁ ସେ ସ୍ୱାବଲମ୍ବୀ ହେବା ପାଇଁ ଉପାୟ ଖୋଜୁଥିଲେ । ୨୦୨୧ ରାଖୀ ପୂର୍ଣ୍ଣିମା ବେଳକୁ ଭାଇକୁ କିପରି ରାଖୀ ପିନ୍ଧାଇବେ ସେହି ଚିନ୍ତାରେ ଥିଲେ। କାରଣ ତାଙ୍କ ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିଲା। ତେଣୁ ପ୍ରଥମେ ସେ ନିଜେ ରାଖୀ ତିଆରି କରି ଭାଇକୁ ପିନ୍ଧାଇଲେ। ଏଥିରେ ଭାଇ ମଙ୍ଗୁଲୁ ଏତେ ଖୁସି ହୋଇଗଲା ଯେ ଏହି ଦିଗରେ କାମ କରିବାକୁ ପ୍ରୋତ୍ସାହନ, ସହଯୋଗ ଦେଲେ। ସେବେଠାରୁ ସେ ୟୁଟ୍ୟୁବ ମାଧ୍ୟମରେ ନିଜ ଭାଗ୍ୟ ନିଜେ ଲେଖିଲେ। ରୋଜାଲୀ ନିଜ ଦକ୍ଷତା ବଳରେ ଅଦରକାରୀ ଜିନିଷରୁ ବିଭିନ୍ନ କିସମର ବୁକେ, ବୋତଲ କ୍ରାଫ୍ଟ, ଟେଡି, ଲଣ୍ଠନ ଡିଜାଇନ, ବାଇଚଡେଇ ବସା, ମଟକା ଡିଜାଇନ, ଗଛ, ତ୍ରିରଙ୍ଗା, ଚେୟାର, ସୋଫା ଓ ସ୍କୁଲ ଟିଏଲଏମ ପ୍ରସ୍ତୁତ କରି ଚର୍ଚ୍ଚରେ ଅଛନ୍ତି। ଏଥିରେ ମା ରୀନା, ଭଉଣୀ ସଂଗୀତା ଓ ଭାଇ ଦୂରରେ ରହି ବି ମନୋବଳ ବଢ଼ାଇବା ସହ ସହଯୋଗ କରୁଛନ୍ତି। ପରିବେଶ ଦୂଷିତ ପଦାର୍ଥକୁ ଉପଯୋଗୀ କରିବାରେ ସାମର୍ଥତା ହେତୁ ବିଭିନ୍ନ ସ୍କୁଲ, କଲେଜ ଏଥିପାଇଁ ତାଲିମ ପ୍ରଦାନ କରିବା ପାଇଁ ଡକରା ଆସୁଛି। ଏଥିରେ ତାଙ୍କ ମନ ଖୁସିହେବା ସହ କିଛି ରୋଜଗାର ହୋଇଯାଏ। ତେବେ ମାସିକ ରୋଜଗାର ୫ହଜାର ଅଧିକ ହୋଇଥିବା ନିଜେ କହନ୍ତି ରୋଜାଲୀ । ତେବେ ଏସବୁ ସାମଗ୍ରୀ ପାଇଁ ଅର୍ଡର ଆସେ କିନ୍ତୁ ଏକ ସ୍ୱତନ୍ତ୍ର ବଜାର ମିଳିଲେ ବିକ୍ରୀବଟା ସୁବିଧା ହୋଇପାରନ୍ତା ବୋଲି ରୋଜାଲୀ କହିଛନ୍ତି। ସରକାରୀ ସହାୟତା ମିଳିଲେ ସେ ଆଗାମୀ ପିଢ଼ିକୁ ତାଲିମ ପ୍ରଦାନ କରିବା ସହ ଏକ ତାଲିମ କେନ୍ଦ୍ର ଖୋଲିବାକୁ ଇଚ୍ଛା ପ୍ରକାଶ କରିଛନ୍ତି।

# ମହିଳାଙ୍କ ମୃତଦେହ ଜବତ ଘଟଣା, ମୁଖ୍ୟ ଅଭିଯୁକ୍ତ ଗିରଫ

ହିଞ୍ଜିଳିକାଟୁ/କୁକୁଡ଼ାଖଣ୍ଡି, ୩।୮ (ଦ୍ୱିତୀକୃଷ୍ଣ ପଣ୍ଡା/ପ୍ରତାପ କୁମାର ସାହୁ)

ହିଞ୍ଜିଳି ଥାନା ମହୁଲପଲ୍ଲୀ ଗ୍ରାମର ଏକ ଶ୍ମଶାନରୁ ରବିବାର ମାଟି ତଳୁ ପାଟପୁର ଥାନା ଜୟ ନଗର ଗ୍ରାମର ବର୍ଷାରାଣୀ ପୁରୋହିତ(୨୫)ଙ୍କ ଅର୍ଦ୍ଧ ଉଲଗ୍ନ ମୃତଦେହ ଜବତ ହୋଇଥିଲା। ବିବାହ ପାଇଁ ବାଧ୍ୟ କରିବାରୁ ଯୁବତୀଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ତଥା ମହିଳାଙ୍କ ପ୍ରେମିକ ନିମଖଣ୍ଡି ଥାନା ଅନ୍ତର୍ଗତ ଗୁରୁଣ୍ଡି ଗ୍ରାମ କୁମ୍ଭାର ସାହିର ପ୍ରଶାନ୍ତ କୁମାର ବେହେରାଙ୍କୁ ପୋଲିସ ଗୁରୁବାର କୋର୍ଟ ଚାଲାଣ କରିଛି। ପୂର୍ବରୁ ହତ୍ୟାକାଣ୍ଡରେ ସହଯୋଗୀ ପ୍ରଶାନ୍ତଙ୍କ ୨ଭାଇ ସନ୍ତୋଷ ଓ ସୁଶାନ୍ତଙ୍କୁ ହିଞ୍ଜିଳି ପୋଲିସ କୋର୍ଟ ଚାଲାଣ କରିଥିବା ନେଇ ଆସିକା ଏସଡିପିଓ ଉମା ଶଙ୍କର ସିଂ କହିଥିବା ବେଳେ ପ୍ରଶାନ୍ତ ଫେରାର ଥିଲେ। ବୁଧବାର ରାତିରେ ପ୍ରଶାନ୍ତଙ୍କୁ ପୋଲିସ ଗିରଫ କରିଥିଲା। ପ୍ରକାଶ ଯେ, ବର୍ଷାରାଣୀ ପୁରୋହିତ ପଳାସପୁର ଗ୍ରାମରେ ବିବାହ କରିଥିଲେ। ସେମାନଙ୍କ ଏକ ପୁତ୍ର ସନ୍ତାନ ରହିଛି। ତେବେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣରୁ ମନୋମାଳିନ୍ୟ ଘଟି କୋର୍ଟରେ ଛାଡ଼ ପତ୍ର ମାମଲା ଦାଏର ହୋଇଛି। ଏହା ପରେ ବର୍ଷା ହୋଟେଲ ମ୍ୟାନେଜମେଣ୍ଟ କରି ହାଇଦ୍ରାବାଦରେ ରହୁଥିଲେ। ସେଠାରେ ମୁଖ୍ୟ ଅଭିଯୁକ୍ତ ପ୍ରଶାନ୍ତଙ୍କ ସହ ବର୍ଷାଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ୨ ବର୍ଷ ଉଭୟ ସମ୍ପର୍କରେ ରହିବା ପରେ ବର୍ଷା ବିବାହ କରିବା ପାଇଁ ପ୍ରଶାନ୍ତଙ୍କୁ ଜିଦ୍ କରିବାରୁ ସେ ତାଙ୍କୁ ହତ୍ୟା କରିଥିଲେ।

# ବିଇଓଙ୍କୁ ଶୁଭେଚ୍ଛା ଜଣାଇଲେ ସିଆରସିସି

ଶେରଗଡ, ୩।୮ (ସୂର୍ଯ୍ୟନାରାୟଣ ଦାଶ)

ଶେରଗଡ଼ ନୂତନ ବିଇଓ ଭାବେ ଉପେନ୍ଦ୍ର କୁମାର ପାଢ଼ୀ ଯୋଗ ଦେଇଛନ୍ତି। ପୂର୍ବରୁ ବିଇଓ ଦାୟିତ୍ୱରେ ଥିବା ସାନଖେମୁଣ୍ଡି ବିଇଓ ପ୍ରଫୁଲ କୁମାର ଚୌଧୁରୀ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏହାପରେ ବିଇଓଙ୍କ କାର୍ଯ୍ୟାଳୟର ସିଆରସିସିଗଣ, ଶିକ୍ଷକ ସଂଘର ସଭାପତି ପ୍ରଫୁଲ କୁମାର ପଣ୍ଡା, ସୁରେନ୍ଦ୍ର ଗୌଡ, ପ୍ରସନ୍ନ କୁମାର ସାବତ, ବିଜୟ କୁମାର ଦାଶ, ଏବିଇଓ ଶୈରେନ୍ଦ୍ରୀ ଦଳେଇ, ବରିଷ୍ଠ କିରାଣୀ ଶଙ୍କର ରାଓ ପ୍ରମୁଖ ଫଳତୋଡ଼ା ଦେଇ ଶୁଭେଚ୍ଛା ଜଣାଇଛନ୍ତି।

# ଧାନ ସଂଗ୍ରହ କେନ୍ଦ୍ରରେ ଲାଗିବ ସିସି କ୍ୟାମେରା

ଛତ୍ରପୁର,୩।୮ (ସନ୍ତୋଷ ପାଢ଼ୀ)

ଗଞ୍ଜାମ ଜିଲାର ପ୍ରାଥମିକ ସମବାୟ ସେବା ସମିତି କେନ୍ଦ୍ରରେ ଥିବା ସମସ୍ତ ଧାନ ସଂଗ୍ରହ କେନ୍ଦ୍ରରେ ସିସିଟିଭି କ୍ୟାମେରା ଲାଗିବା ବାଧ୍ୟତାମୂଳକ କରାଯାଇଛି । ନଭେମ୍ବର ପ୍ରଥମ ସପ୍ତାହରୁ ଚାଷୀମାନଙ୍କ ଠାରୁ ଖରିଫ ଧାନ କିଣାଯିବ। ଏହାପୂର୍ବରୁ ସମସ୍ତ ଧାନ ସଂଗ୍ରହ କେନ୍ଦ୍ରରେ ସିସିଟିଭି କ୍ୟାମେରା ଲାଗିବ । ଏହାଦ୍ୱାରା ଧାନ କିଣାରେ ସ୍ୱଚ୍ଛତା ଆସିବ ବୋଲି କୁହାଯାଇଛି । କେଉଁ ଧାନ ସଂଗ୍ରହ କେନ୍ଦ୍ରରେ ସିସିଟିଭି କ୍ୟାମେରା ଲାଗିଛି ଏବଂ କେଉଁଠି ଲାଗିବାକୁ ବାକି ରହିଛି ସେ ସମ୍ବନ୍ଧୀୟ ରିପୋର୍ଟ ମଗାଯାଇଛି। ଏ ନେଇ ଭୁବନେଶ୍ୱରସ୍ଥିତ ରେଜିଷ୍ଟ୍ରାର ଅଫ୍ କୋ-ଅପରେଟିଭ୍‌ଙ୍କ ପକ୍ଷରୁ ବ୍ରହ୍ମପୁର ଡେପୁଟି ରେଜିଷ୍ଟ୍ରାର ଅଫ୍ କୋ ଅପରେଟିଭ ସୋସାଇଟିଙ୍କୁ ଚିଠି ଆସିଛି । ଗଞ୍ଜାମ ଜିଲାରେ ବ୍ରହ୍ମପୁର ସମବାୟ ବ୍ୟାଙ୍କ ଓ ଆସିକା ସମବାୟ ବ୍ୟାଙ୍କ ଅଧୀନରେ ପ୍ରାଥମିକ ସମବାୟ ସେବା ସମିତି (ପ୍ୟାକ୍ସ)ଗୁଡିକ କାର୍ଯ୍ୟ କରୁଛି । ପ୍ୟାକ୍ସଗୁଡିକ ଚାଷୀମାନଙ୍କ ଠାରୁ ଧାନ କିଣିଥାନ୍ତି। ଜିଲାରେ ଥିବା ପ୍ୟାକ୍ସଗୁଡିକରୁ ଅଧିକାଂଶର ନିଜସ୍ୱ କୋଠା ନ ଥିବାରୁ ଭଡାଘରେ କାର୍ଯ୍ୟାଳୟ ଚାଲିଛି। ନାବାର୍ଡର ଏଜେନ୍ସି ନାବକନ୍ସ ସମସ୍ତ ସମବାୟ ସମିତି ଗୁଡିକର ଭିତ୍ତିଭୂମି ସୁଦୃଢ଼ କରିବାକୁ ନିଷ୍ପତି ହୋଇଛି । ପ୍ରତି ସମବାୟ ସମିତିର ଗୋଟିଏ ଅଫିସ ରୁମ୍, ବ୍ୟାଙ୍କିଂ କାଉଣ୍ଟର, କଭର୍ଡ ଶେଡ୍, ଶହେ ଟନ୍‌ର ଶସ୍ୟ ସଂରକ୍ଷଣ କରିବା ଭଳି ଗୋଦାମ ଘର ଓ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବ । ଆସନ୍ତା ୪୫ ଦିନ ମଧ୍ୟରେ ସମବାୟ ସମିତି ଗୁଡିକ କିଭଳି ନିଜ ନିଜର ଜମିକୁ ଭିତ୍ତିଭୂମି ନିର୍ମାଣ ନିମନ୍ତେ ପ୍ରସ୍ତୁତ ରଖିବେ ସେ ନେଇ କାର୍ଯ୍ୟ କରିବାକୁ

**■ ନୂତନ ବିଲଡିଂ ନିର୍ମାଣ ନିଷ୍ପତ୍ତି**

ବିଭାଗୀୟ ନିର୍ଦ୍ଦେଶ ଆସିଛି । ଅଧିକାଂଶ ସମବାୟ ସମିତି ଏ ପର୍ଯ୍ୟନ୍ତ ଜମି ଚିହ୍ନଟ ନେଇ ତହସିଲରେ ଆବେଦନ କରି ନ ଥିବା ଜଣାପଡିଛି । ବିଶେଷକରି ଯେଉଁ ସମବାୟ ସମିତିଗୁଡିକର ନିଜସ୍ୱ ଜମି ରହିଛି ସେମାନେ ତଥ୍ୟ ଦାଖଲ କରିସାରିଛନ୍ତି। ମାତ୍ର ନିଜ ଜମି ନଥିବା ସମବାୟ ସମିତିଗୁଡିକ ରାଜସ୍ୱ ବିଭାଗ କିମ୍ବା ଅନ୍ୟ ବିଭାଗ ଠାରୁ ଜମି କିଣିବେ । ଏଥିପାଇଁ ସମବାୟ ସମିତି ଗୁଡିକ ରାଜସ୍ୱ ବିଭାଗରେ ଆବେଦନ କରିବାକୁ ପଡିବ। ରାଜସ୍ୱ ବିଭାଗଗୁଡିକ କିଭଳି ଯୁଦ୍ଧକାଳୀନ ଭିତ୍ତିରେ ଜମି ପ୍ରଦାନ କରିବେ ସେ ନେଇ ନିର୍ଦ୍ଦେଶ ଦେବାକୁ ଜିଲାପାଳଙ୍କ ସହ ମୁଖ୍ୟଶାସନ ସଚିବ ଆଲୋଚନା କରିଥିବା ଜଣାପଡିଛି।

# ଆସିକାରେ ଭୋଟର ସଚେତନତା କାର୍ଯ୍ୟକ୍ରମ

ଆସିକା,୩।୮ (ସୁରେନ୍ଦ୍ର ନାଥ ସାହୁ):

ଆସିକା ବ୍ଲକ କେନ୍ଦୁପଦରସ୍ଥିତ ଏନବିସି କଲେଜ ପରିସରରେ ଗୁରୁବାର ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କଲେଜ ଅଧ୍ୟକ୍ଷ ହରିଶଙ୍କର ପାଣ୍ଡେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଡିଓ ଫକୀର ଚରଣ ପରିଡା, ତହସିଲଦାର ସଞ୍ଜୟ କୁମାର ସାମନ୍ତରା, ସାଧନକର୍ମୀ ରାମନାଥ ପଟ୍ଟନାୟକ, ଶିବଶଙ୍କର ଜେନା, କେନ୍ଦୁପଦର କଲେଜର ସୁଶାନ୍ତ କୁମାର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ । ଗଣତାନ୍ତ୍ରିକ ବ୍ୟବସ୍ଥା ମଧ୍ୟରେ ଭୋଟରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଥିବାରୁ ଛାତ୍ରୀଛାତ୍ର ଏଥିପ୍ରତି ସଚେତନ ହେବାକୁ ପରାମର୍ଶ ଦିଆଯାଇଥିଲା । ଏହି ଅବସରରେ ୨୦୨୪ ଅକ୍ଟୋବର ୧ ସୁଦ୍ଧା ୧୮ବର୍ଷରେ ପଦାର୍ପଣ କରୁଥିବା ଛାତ୍ରୀଛାତ୍ର ସେମାନଙ୍କ ନାମକୁ ଆଗୁଆ ପଞ୍ଜୀକରଣ କରିବା ନିମନ୍ତେ ଆହ୍ୱାନ ଦିଆଯାଇଥିଲା ।

# ମୃତଦେହ ମିଳିବା ଘଟଣାର ପର୍ଦ୍ଦାଫାଶ୍

ଦିଗପହଣ୍ଡି,୩।୮ (ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି-ଚିକିଟି ମୁଖ୍ୟରାସ୍ତାର କଇଠଡା ଗାଁ କଲ୍‌ଭର୍ଟ ତଳୁ ମେ ୧୪ ତାରିଖରେ ଏସ. ବାବୁଲା ରେଡ୍ଡୀ ନାମକ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଥିଲା। ପୋଲିସ ଏନେଇ ରୁଜୁ କରିଥିବା ଅପମୃତ୍ୟୁ ମାମଲା ପରେ ହତ୍ୟା ମାମଲାରେ ରୂପାନ୍ତରିତ ହୋଇଛି। ଗୁରୁବାର ପୋଲିସ ଘଟଣାର ପର୍ଦ୍ଦାଫାଶ କରିବା ସହ ହତ୍ୟା ଅଭିଯୋଗରେ ଉକ୍ତ ଗ୍ରାମର ଏସ. ଦିବାନ ରେଡ୍ଡୀ ନାମକ ଜଣେ ଶ୍ରମିକ ଠିକାଦାରଙ୍କୁ ଗିରଫ କରିଛି। ଥାନା ମାମଲା ନଂ.୨୧୯/୨୩ ଦଫା – ୩୦୨/୩୪ ଆଇପିସି ଅନୁଯାୟୀ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍ ଜେଲ ହାଜତକୁ ପଠାଇ ଦିଆଯାଇଛି।

ଘଟଣା ଦିନ କଇଠଡା ଗ୍ରାମଠାରୁ ପ୍ରାୟ ୨ ଶହ ମିଟର ଦୂରରେ ଥିବା ଏକ କଲ୍‌ଭର୍ଟ ତଳେ ବାବୁଲାଙ୍କ ମୃତଦେହ ପଡ଼ିଥିବା କେତେଜଣ ଗ୍ରାମବାସୀ ଦେଖି ପୋଲିସକୁ ଖବର ଦେଇଥିଲେ । ମୃତଦେହର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଥିଲା। ଯାହାକି ହତ୍ୟା ନା ଦୁର୍ଘଟଣା ବୋଲି ପୋଲିସ ସନ୍ଦେହରେ ରହିଥିଲା। ମୃତକଙ୍କ ସ୍ତ୍ରୀ ଏସ. ସଜନୀ ରେଡ୍ଡୀ ତାଙ୍କ ସ୍ୱାମୀଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ନେଇ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଘଟଣା ଦିନ ରାତିରେ ଏସ. ଦିବାନ ରେଡ୍ଡୀ ଏସ.ବାବୁଲାଙ୍କୁ ମଦ ଆଣିବାକୁ ଗାଁରେ ଥିବା ଦୋକାନକୁ ପଠାଇଥିଲେ। ବାବୁଲା ଜଣେ ଦିନ ମଜୁରିଆ। ଏସ. ଦିବାନ ଗାଁ ସମେତ ଆଖ ପାଖ ଗ୍ରାମ ମାନଙ୍କରୁ ଶ୍ରମିକ ଯୋଗାଡ଼ କରି ରାଜ୍ୟ ବାହାରକୁ ପଠାଇ କମିଶନ ନିଅନ୍ତି। ବାବୁଲାଙ୍କୁ ସେ ତାମିଲନାଡୁ ପଠାଇବାକୁ ନିଷ୍ପତ୍ତି ନେଇଥିଲେ। ଏପରିକି ତାଙ୍କୁ କିଛି ଅଗ୍ରୀମ ଅର୍ଥରାଶି ଦେଇଥିଲେ। ଘଟଣା ଦିନ ଉଭୟେ ଗାଁ ହାଇସ୍କୁଲ ନିକଟରେ ପ୍ରଚୁର ମଦ ପିଇଥିଲେ। ପରେ ଘରକୁ ଫେରିବା ରାସ୍ତାରେ ଉଭୟେ କିଛି ସମୟ କଲ୍‌ଭର୍ଟ ଉପରେ ବସିଥିଲେ। ସେଠାରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ନିଶାସକ୍ତ ଅବସ୍ଥାରେ ଏସ. ଦିବାନ ବାବୁଲାଙ୍କୁ ନିସ୍ଥୁକ ମାଡ଼ ମାରି କଲ୍‌ଭର୍ଟ ଉପରୁ ତଳକୁ ଠେଲି ଦେଇଥିଲେ। ଫଳରେ ତଳେ ଥିବା ପଥରରେ ପଡ଼ି ବାବୁଲାଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ଏସ. ଦିବାନଙ୍କୁ ଜେରା କରିବା ପରେ ସେ ସମସ୍ତ ଘଟଣାକୁ ସ୍ୱୀକାର କରିଥିବା ଥାନା ଆଇଆଇସି ଦିପ୍ତୀରଞ୍ଜନ ବେହେରା ସୂଚନା ଦେଇଛନ୍ତି ।

# ଚାରା ରୋପଣ, ପୁରସ୍କାର ବିତରଣ

କୁକୁଡାଖଣ୍ଡି,୩।୮ (ପ୍ରତାପ କୁମାର ସାହୁ)



ଗଞ୍ଜାମ ଜିଲା କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ମସିଆଖାଲି ପଞ୍ଚାୟତର କୃପାସିନ୍ଧୁପୁର ଗ୍ରାମର ସତ୍ୟବାଦୀ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ୭୭ତମ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କାଜୁ ନିଗମ ଅଧ୍ୟକ୍ଷ ତଥା 'ଗଛ ମଣିଷ' ସୁବାସ ମହାରଣା ଯୋଗଦେଇ ବିଭିନ୍ନ ଚାରା ରୋପଣ କରିଥିଲେ। ପରେ ଖେଳ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ଭାରତୀ ନାୟକ, ମହାନଗର ନିଗମର ପ୍ରାକ୍ତନ କର୍ପୋରେଟର ଅନିଲ କୁମାର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ପ୍ରମିଳା ସାବତ, ବିଦ୍ୟାଳୟ କମିଟିର ସଭାନେତ୍ରୀ ମନ୍ଦାକିନୀ ଗୌଡ଼, ଶିବଶଙ୍କର ରାଉଳ, ୱାର୍ଡସଭ୍ୟା ମୁନି ପ୍ରସାଦ ପାଢ଼ୀ ଉପସ୍ଥିତ ଥିବା ବେଳେ ବିଦ୍ୟାଳୟର ସାହିତ୍ୟ ଶିକ୍ଷକ ହରପ୍ରସାଦ ବିଶୋଇ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ସାଇ ବିଭୁତି ବେହେରା, ଉର୍ମିଳା କୁମାରୀ କାର୍ଜୀ, ସନ୍ଧ୍ୟାରାଣୀ ରଣା, ଦୀପ୍ତିରାଣୀ ନାୟକ, ମନୋଜ କୁମାର ଦଳାଇ, ହରପ୍ରସାଦ ବିଶୋଇ, ସରିତା କୁମାରୀ ନାୟକ, କିରାଣୀ ସଚ୍ଚିଦାନନ୍ଦ ସାହୁ, ପିଅନ କଦାମିନୀ ନାୟକ, ନାଇଟୱାଚର ସଦାନନ୍ଦ ପ୍ରଧାନ ସହଯୋଗ କରିଥିଲେ।

# ସାପ କାମୁଡ଼ାରେ ଜଣେ, ଭାସିଯାଇ ୨ ମୃତ

ଭଞ୍ଜନଗର, ୩।୮ (ବାବୁଲା ପ୍ରଧାନ):

ଗଞ୍ଜାମ ଜିଲା ଭଞ୍ଜନଗର ଅଞ୍ଚଳରେ ବୁଧବାର ତୁହାକୁ ତୁହା ପ୍ରବଳ ବର୍ଷା ହୋଇଥିଲା। ଗୁରୁବାର ବର୍ଷାର ପ୍ରଭାବ କମିଯାଇଛି। ବର୍ଷା ଯୋଗୁଁ ସାପମାନେ ବାହାରି ଉଚା ସ୍ଥାନକୁ ଚାଲି ଆସୁଛନ୍ତି। ଗରିବ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବୁଧବାର ରାତି ପ୍ରାୟ ୧୨ ଟା ସମୟରେ ତାରସିଂ ଥାନା ଅନ୍ତର୍ଗତ ଜଡାହାଟୁନି ଗ୍ରାମର ପ୍ରେମଲତା ତ୍ରିପାଠୀଙ୍କୁ ବିଷଧର ସର୍ପ ଦଂଶନ କରିଥିଲା। ଗୁରୁବାର ସକାଳେ ତାଙ୍କର ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ସେହିଭଳି କୁଲାଡ଼ ବଡନଦୀରୁ ଜଣେ ଚାଷୀଙ୍କ ମୃତଦେହ ପୋଲିସ ଗୁରୁବାର ସକାଳେ ଜବତ କରିଛି। ସେ ହେଲେ ବଦାଙ୍ଗୀର ବାବୁଲା ମଲିକ (୫୦)। ବାବୁଲା ବୁଧବାର ସନ୍ଧ୍ୟାରେ ଚାଷ କାମ ସାରି ନଦୀ ରାସ୍ତା ଦେଇ ଫେରୁଥିଲା ବେଳେ ଭାସିଯାଇଥିଲେ। ଗୁରୁବାର ତାଙ୍କ ମୃତଦେହ ନଦୀରେ ଭାସି ଆସି କୁଲାଡ଼ରେ ଲାଗିଥିବା ଜାଣିବାକୁ ପାଇଥିଲେ। ସେହିଭଳି କୁଲାଡ଼ର ମମତା ସାହୁ (୨୨) ଗୁରୁବାର ସକାଳେ ବଡନଦୀରେ ଗାଧୋଉଥିବା ବେଳେ ଭାସି ଯାଇଥିଲେ। ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏଥିସହ ତାରସିଂ ଥାନା ଅନ୍ତର୍ଗତ ଡେଲିଙ୍ଗପଦର ଗ୍ରାମର ଜଣେ ୪୦ ବର୍ଷୀୟ ଯୁବକ ବୁଧବାର ରାତିରେ ହଠାତ ହୃଦଘାତରେ ମୃତ୍ୟୁବରଣ କରିଛନ୍ତି।

# ଗଜପତିର ଗୌରବ ଜୋସ୍ନା ଶବରଙ୍କୁ ସମ୍ବର୍ଦ୍ଧନା

ପାରଳାଖେମୁଣ୍ଡି, ୩।୮ (ଗିରିଧାରୀ ପରିଛା)



ଜିଲା ପ୍ରଶାସନ ତରଫରୁ ଜୋସ୍ନା ଶବରଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରୁଛନ୍ତି ।

ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଭାରୋତ୍ତୋଳନ ପ୍ରତିଯୋଗିତାର ସଫଳ ଖେଳାଳି ଭାବେ ଜୋସ୍ନା ଶବର କନିଷ୍ଠ ବର୍ଗରେ ସଫଳତା ହାସଲ କରିଛନ୍ତି। ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ କନିଷ୍ଠ ବର୍ଗରେ ସଫଳତା ହାସଲ କରିଛନ୍ତି। ୨୦୨୩ରେ ତାମିଲନାଡୁର ନାଗେରେକୋଲ ସ୍ଥିତ ଅନୁଷ୍ଠିତ ହୋଇଥିବା ଭାରୋତ୍ତୋଳନ ପ୍ରତିଯୋଗିତାରେ ଯୁବ କନିଷ୍ଠ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୨୦୨୩ ମଧ୍ୟପ୍ରଦେଶରେ ଅନୁଷ୍ଠିତ ହୋଇଥିବା 'ଖେଲୋ ଇଣ୍ଡିଆ'ରେ ଭାରୋତ୍ତୋଳନ ପ୍ରତିଯୋଗିତାରେ କନିଷ୍ଠ ବର୍ଗରେ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ୨୦୨୩ ଦୁରେଶ ଦେଶର ଆଲବାନିଆଠାରେ ଅନୁଷ୍ଠିତ ହୋଇଥିବା ବିଶ୍ୱ କନିଷ୍ଠ ଭାରୋତ୍ତୋଳନ ଚମ୍ପିୟାନଶିପ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୨୦୨୩ ଉତ୍ତର ପ୍ରଦେଶର ଗ୍ରେଟର ନୋଏଡ଼ାରେ ଅନୁଷ୍ଠିତ କମନୱେଲଥ ଗେମ ଚମ୍ପିୟାନଶିପରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ୨୦୨୩ ଉତ୍ତର ପ୍ରଦେଶର ଗ୍ରେଟର ନୋଏଡ଼ାରେ ଅନୁଷ୍ଠିତ ଏସିଆନ ଭାରୋତ୍ତୋଳନରେ ବ୍ରୋଞ୍ଜ ପଦକ ପାଇ ସଫଳତା ହାସଲ କରିଛନ୍ତି।

ଜୋସ୍ନାଙ୍କ ଘର ଗଜପତି ଜିଲା ରାୟଗଡ଼ ବ୍ଲକ ମାର୍ଲବା ପଞ୍ଚାୟତ ଅନ୍ତର୍ଗତ ପେକଟ ଗ୍ରାମରେ। ବାପା କାର୍ତ୍ତିକ ଶବର ଓ ମା' ଗୋଚ୍ଛାମଣି ଶବର। ସୁଶ୍ରୀ ଜୋସ୍ନା ଭୁବନେଶ୍ୱରସ୍ଥିତ କିସ୍ ବିଦ୍ୟାଳୟରେ ନବମ ଶ୍ରେଣୀରେ ପାଠ ପଢୁଛନ୍ତି। ଗଜପତି ଜିଲା ପ୍ରଶାସନ ତରଫରୁ ସୁଶ୍ରୀ ଜୋସ୍ନା ଶବରଙ୍କୁ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ୨୦ ହଜାର ଟଙ୍କାର ଚେକ, ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧନା ଜଣାଇଛନ୍ତି। ଏହି ସମ୍ବର୍ଦ୍ଧନା ଉତ୍ସବରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜ, ରାୟଗଡ଼ ବ୍ଲକ ପଞ୍ଚାୟତ ସମିତି ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ ଓ ସୁଶ୍ରୀ ଜୋସ୍ନାଙ୍କ ପିତାମାତା ଉପସ୍ଥିତ ଥିଲେ।

# ଅତିରିକ୍ତ ଜିଲାପାଳ ଓ ସାମାଜିକ ସୁରକ୍ଷା ଅଧିକାରୀଙ୍କ ଦିବ୍ୟାଙ୍ଗ ଅନୁଷ୍ଠାନ ପରିଦର୍ଶନ

ଆର.ଉଦୟଗିରି,୩।୮ (ମନୋଜ ପାଢ଼ୀ)

ମୋହନା ସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦୃଷ୍ଟିହୀନ, ବଧିର, ମାନସିକ ଅନଗ୍ରସର ଓ ମସ୍ତିଷ୍କ ପକ୍ଷାଘାତ ବିଦ୍ୟାଳୟକୁ ଅତିରିକ୍ତ ଜିଲାପାଳ (ରାଜସ୍ୱ) ବିରେନ୍ଦ୍ର କୁମାର ଦାସ ପରିଦର୍ଶନରେ ଆସିଥିଲେ। ତାଙ୍କ ସହିତ ଗଜପତି ସାମାଜିକ ସୁରକ୍ଷା ଅଧିକାରୀ ସନ୍ତୋଷ କୁମାର ନାୟକ, ସୁଧାଂଶୁ ପଲେଇ, ମୋହନା ତହସିଲଦାର, ମୋହନା ବିଏସଏସଓ, ଅଧିନସ୍ଥ କର୍ମଚାରୀ ଆସିଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) ଦାସ ବିଦ୍ୟାଳୟ ସମ୍ପର୍କରେ ଅଧ୍ୟକ୍ଷ ଏବଂ ସମ୍ପାଦକଙ୍କ ଠାରୁ ପଚାରି ବୁଝିଥିଲେ। ଏଥି ସହିତ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ସହ ଶ୍ରେଣୀକକ୍ଷରେ ପାଠପଢ଼ା ପଚାରି ବୁଝିଥିଲେ। ଶିକ୍ଷଣ ପାଠ୍ୟ ଉପକରଣ ଉପରେ ପଚାରି ବୁଝିଥିଲେ। ଛାତ୍ରୀଛାତ୍ରଙ୍କ ଖାଦ୍ୟ ଓ ସ୍ୱାସ୍ଥ୍ୟ ଉପରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅତ୍ୟନ୍ତ ଗୁରୁତ୍ୱ ଦେଇଥିଲେ। ସମ୍ପାଦକ ଦଣ୍ଡାସୀ ସାହୁ ଅନୁଷ୍ଠାନର ଅସୁବିଧା ଉପରେ ବୁଝାଇଥିଲେ। ପରିଚାଳନା କମିଟିର ପ୍ରଶାନ୍ତ କୁମାର ବୀର, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ୬ବର୍ଷ ହେବ ମିଳୁଛି ଆବାସ ପ୍ରତିଶ୍ରୁତି

ତେନ୍ତୁଳିଖୁଣ୍ଟି, ୩।୮ (ଚିଦାନନ୍ଦ ସାହୁ)



ଭଙ୍ଗାଘର ଆଗରେ ପିଲାଙ୍କ ସହ ଶଶୀ ।

କେନ୍ଦ୍ର ଓ ରାଜ୍ୟ ଗରିବ ବାସହୀନଙ୍କୁ ନିଜ ଯୋଜନାରେ ଘର ଦେଉଛନ୍ତି ବୋଲି ଡିଣ୍ଡିମ ପିଟିବାରେ ହେଳା କରୁନାହାନ୍ତି। କିନ୍ତୁ ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକର ଶଶୀ ପ୍ରଧାନୀ, ପଦ୍ମା ପ୍ରଧାନୀ, ସୁଲୋଚନା ଖରା, ଦିନା ହରିଜନ ଭଳି ଲୋକଙ୍କୁ ଘର ମିଳିନାହିଁ। ସେମାନଙ୍କୁ ଆବସଗୃହ କାର୍ଯ୍ୟାଦେଶ ବଦଳରେ କେବଳ ପ୍ରତିଶ୍ରୁତି ମିଳୁଛି। ଗୋପୀ ପ୍ରଧାନୀଙ୍କ ବିଧବା ସ୍ତ୍ରୀ ଶଶୀ ପ୍ରଧାନୀ ନିଜର ୪ ସନ୍ତାନଙ୍କ ସହ ପରଜାବାରଙ୍ଗପଦର ପଞ୍ଚାୟତ ଖାଡିଗୁଡ଼ାରେ ରୁହନ୍ତି। ୨୦୨୨ରେ ସ୍ୱାମୀଙ୍କ ମୃତ୍ୟୁ ପରେ ଝୁପୁଡ଼ିଘରେ ରହୁଥିଲେ। କୁଲି କାମ କରି ଜୀବନ ବିତାଉଥିବାବେଳେ ଏବେ ବର୍ଷା ଦାଉ ସାଧୁଛି। ଲଗାଣ ବର୍ଷାରେ ତାଙ୍କ ଖପରିମୋଟି ଘର ଭୁଶୁଡ଼ିଯାଇଛି। ଆବାସ ଘର ମିଳିବ ବୋଲି ୬ବର୍ଷ ହେବ ଶୁଣାଯାଉଥିବା ଶଶୀ କହିଛନ୍ତି। ଥରକୁଥର ବିଭିନ୍ନ କାଗଜପତ୍ର ୱାର୍ଡସଭ୍ୟଙ୍କଠାରୁ ଆରମ୍ଭକରି ପଞ୍ଚାୟତ କର୍ମଚାରୀ ସଂଗ୍ରହ କରିଛନ୍ତି। ଗ୍ରାମ ରୋଜଗାର ସେବକ ଆସି ଜିଓ ଟେକ୍ ମଧ୍ୟ ନେଇଛନ୍ତି। ଜିଓ ଟେକ୍ ପରେ ଆବାସ ଘର ନିଶ୍ଚିତ ମିଳିବ ଶଶୀ ଭାବିଥିଲେ। କିନ୍ତୁ ଜୁନ ମାସରେ ଲୋକଙ୍କୁ ମିଳିଥିବା ଆବାସ ଗୃହ କାର୍ଯ୍ୟାଦେଶରେ ଶଶୀ କିମ୍ବା ତାଙ୍କ ଶାଶୁ ପଦ୍ମାର ନାମ ନଥିଲା। ଗୋପୀଙ୍କ ମୃତ୍ୟୁ ପରେ ପ୍ରାଥମିକତା ଭିତ୍ତିରେ ଆବାସ ଗୃହ ଦିଆଯିବ ବୋଲି ଲୋକ ପ୍ରତିନିଧି ଶଶୀଙ୍କୁ କହିଥିଲେ ମଧ୍ୟ ଏଯାଏ ତାହା ହୋଇପାରିଲା ନାହିଁ। ଶଶୀ ପ୍ରଧାନୀଙ୍କୁ କୌଣସି ଯୋଜନାରେ ଘର ଖଣ୍ଡିଏ ଦେଇ ତାଙ୍କ ଉପରୁ ବୋଝ ସାମାନ୍ୟ ହାଲକା କରିବାକୁ ଦାବି ହୋଇଛି। ଏ ନେଇ ବିଡିଓ ମନୋଜ କୁମାର ପାଣିଗ୍ରାହୀଙ୍କୁ ପଚାରିବାରୁ ମୋ ଯୋଗଦାନ ପୂର୍ବରୁ ଆବାସ ହିତାଧିକାରୀ ଚୟନ ହୋଇ ସାରିଥିଲେ। ତଥାପି ଶଶୀଙ୍କ ଭଳି ହିତାଧିକାରୀଙ୍କ ପାଇଁ କ'ଣ କରାଯାଇପାରିବ ଉପରିସ୍ଥ ଅଧିକାରୀଙ୍କ ସହ କଥାବାର୍ତ୍ତା କରି ପଦକ୍ଷେପ ନେବି ବୋଲି କହିଛନ୍ତି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକଙ୍କୁ ଶଶୀଙ୍କ ପରିବାର ପାଇଁ କ'ଣ ସୁବିଧା କରାଯାଇପାରିବ ବୋଲି ପଚାରିବାରୁ ସ୍ଥିତି ଅନୁଧ୍ୟାନ ପରେ ପଦକ୍ଷେପ ନେବି ବୋଲି କହିଛନ୍ତି।


ଖରସ୍ରୋତା ନଦୀବନ୍ଧର ଚନ୍ଦନପୁରଠାରେ ସୃଷ୍ଟି ହୋଇଥିବା ଘଳିଆ ।


ପାଣି ଘେରରେ ବୈଷପାନ ଗାଁ।

# ବୈତରଣୀ କୂଳବର୍ତ୍ତୀ ଗାଁରେ ଆତଙ୍କ

- ବନ୍ୟାସ୍ରୋତରେ ଭାସିଯାଇ ଜଣେ ମୃତ
- ଖରସ୍ରୋତା ନଦୀବନ୍ଧରେ ଘାଇ ଆଶଙ୍କା
- ବନ୍ୟାଞ୍ଚଳରେ ମନ୍ତ୍ରୀ, ବିଧାୟକ, ଜିଲାପାଳ
- ଦଶରଥପୁର-ଧୁଷୁରୀ ରାସ୍ତା ବିଚ୍ଛିନ୍ନ
- ଦଶରଥପୁର ବ୍ଲକ ଅଞ୍ଚଳର ସ୍ଥିତି ସଙ୍ଗିନ


ବନ୍ୟା ସ୍ଥିତି ପରଖୁଛନ୍ତି ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ।


ଦଶରଥପୁର ଆଦର୍ଶ ବିଦ୍ୟାଳୟ ପାଣି ଘେରରେ ରହିଛି ।

**ଯାଜପୁର/ଝୁମ୍ପୁରି/ପ୍ରୀତିପୁର/ଯାଜପୁର ସଦର,୩।୮ (ହର୍ଷବର୍ଦ୍ଧନ ବେହେରା/ସରୋଜ ନାୟକ/ସୁଶାନ୍ତ ବେହୁରା/ସମର ବିଜୟ ଶରଣ) :**

ଯାଜପୁର ଜିଲା ଦେଇ ପ୍ରବାହିତ ଖରସ୍ରୋତା ଏବଂ ବୈତରଣୀ ଓ ଏହାର ଶାଖା କାଣୀ ନଦୀ କୂଳବର୍ତ୍ତି ଅଞ୍ଚଳରେ ଆତଙ୍କ ଖେଳି ଯାଇଛି। ଜିଲାର ବିଞ୍ଝାରପୁର, ଦଶରଥପୁର, ଯାଜପୁର ଓ କୋରେଇ ବ୍ଲକ ଅଞ୍ଚଳର ୧୫୦ରୁ ଊର୍ଦ୍ଧ୍ୱ ଗାଁ ଜଳଘେରରେ ରହିଛି। ବିଞ୍ଝାରପୁର ବ୍ଲକ ଓଳେଇ ଚନ୍ଦନପୁର ନିକଟ ଖରସ୍ରୋତା ନଦୀବନ୍ଧରେ ଏକ ଘାଇ ସୃଷ୍ଟି ହେବା ଆଶଙ୍କା ଉପୁଜିଛି। ନଦୀବନ୍ଧ ରାସ୍ତା ତଳେ ଥିବା ସ୍ଲୁଇସ ଗେଟ୍ ଦବି ଯାଇଥିବାରୁ ବନ୍ଧର ଅର୍ଦ୍ଧାଧିକ ଭାଗ ଭୁଶୁଡି ପଡିଛି। ଏହି ଘଳିଆକୁ ପୋତିବାକୁ ଜଳ ସମ୍ପଦ ବିଭାଗ ପକ୍ଷରୁ ବାଲିବସ୍ତା ପକାଇ ଅଟକାଇବାକୁ ଉଦ୍ୟମ କରାଯାଇଛି। ଏହି ଖବରପାଇ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ପୋଲିସ ଅନୁରୋଧ କରିଛି। ଅନ୍ୟପକ୍ଷେ ବୈତରଣୀର ଶାଖା ବୁଢ଼ା ନଦୀର ବନ୍ୟାଜଳ ରାସ୍ତାରେ ଚାଲିଛି। ସେହି ରାସ୍ତା ଅତିକ୍ରମ କରୁଥିଲା ବେଳେ ଯାଜପୁର ବ୍ଲକ ସମିଳିଆ ପଞ୍ଚାୟତ ଓଲେଇପଡ଼ା ଗ୍ରାମର ଅକ୍ଷୟ କୁମାର ନାୟକ(୪୮)ଙ୍କ ବନ୍ୟାସ୍ରୋତରେ ଭାସିଯାଇ ମୃତ୍ୟୁ ଘଟିଛି ।

ଏହା ଚଳିତ ବର୍ଷ ବୈତରଣୀରେ ପ୍ରଥମ ବନ୍ୟା। ଜଳସେଚନ ବିଭାଗ ଯଦିଓ ଏହାଏକ ମଧ୍ୟମ ଧରଣର ବନ୍ୟା ବୋଲି ଆକଳନ କରିଛି, ତଥାପି ପରିସ୍ଥିତି ଉପରେ ଜିଲା ପ୍ରଶାସନ କଡ଼ା ନଜର ରଖିଛି। ଗୁରୁବାର ଅପରାହ୍ନ ୫ଟା ସୁଦ୍ଧା ଆନନ୍ଦପୁରଠାରେ ଜଳପତ୍ତନ ବିପଦ ସଙ୍କେତ (୩୮.୩୬ ମିଟର) ତଳେ (୩୭.୯୫ ମିଟର) ରହିଛି। ଆଖୁଆପଦାଠାରେ ବିପଦ ସଙ୍କେତ (୧୭.୮୩ ମିଟର) ଉପରେ(୧୯.୪୪ ମିଟର) ବନ୍ୟା ଜଳ ବୋହୁଛି। ଏହାବାଦ୍ ବଲ୍ଲିଭିଘାଟରେ ବିପଦ ସଙ୍କେତ(୧୩.୩୪ ମିଟର) ଉପରେ (୧୪.୨୭ ମିଟର) ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ଦଶରଥପୁରଠାରେ ବିପଦସଙ୍କେତ (୯.୫୨ ମିଟର ) ଉପରେ(୧୨.୦୫ ମିଟର) ବନ୍ୟା ପାଣି ପ୍ରବାହିତ ହେଉଛି। ଗୁରୁବାର ଦିନ ସାରା ବର୍ଷା ହୋଇ ନ ଥିବାରୁ ଆଗାମୀ ୨୪ ଘଣ୍ଟା ମଧ୍ୟରେ ବନ୍ୟାଜଳ ହ୍ରାସ ପାଇବ ବୋଲି ଅନୁମାନ କରାଯାଇଛି। ଦଶରଥପୁରଠାରେ ବନ୍ୟା ପାଣି ବିପଦସଙ୍କେତଠାରୁ ପାଖାପାଖି ୩ ମିଟର ଉଚ୍ଚରେ ବନ୍ୟା ପାଣି ପ୍ରବାହିତ ହେଉଥିବାରୁ ବନ୍ୟାଜଳ ବଢ଼ିବାର ଆଶଙ୍କା କରାଯାଉଛି। କାଣୀ ନଦୀର ବିଭିନ୍ନ ସ୍ଥାନରେ ବନ୍ୟାଜଳ ବନ୍ଧ ଉପରେ ଚାଲିଛି। ପୂର୍ବରୁ ମୁକୁଳା କଣ୍ଟପଡ଼ା ଘାଇରେ ପ୍ରବଳ ବନ୍ୟାଜଳ ପ୍ରବେଶ କରିଛି । ଯାହାଫଳରେ ମଲ୍ଲିକାପୁର ପଞ୍ଚାୟତର ବୈଷପାନ ଗ୍ରାମ ସମ୍ପୂର୍ଣ୍ଣ ଜଳବନ୍ଦୀରେ ରହିଛି। ୧୦୦ରୁ ଊର୍ଦ୍ଧ୍ୱ ପରିବାର ଜଳବନ୍ଦୀରେ ଥିବାବେଳେ ୩୦ରୁ ଊର୍ଦ୍ଧ୍ୱ ଘରେ ପାଣି ପଶିଯାଇଛି । ବନ୍ୟା ପ୍ରଭାବିତ ଲୋକମାନେ ରୋଷେଇ କରିପାରୁ ନ ଥିବାରୁ ଭୋକ ଉପାସରେ ପଡ଼ି ରହିଛନ୍ତି। ଏବେ ଗାଁ ଦାଣ୍ଡରେ ୩ ଫୁଟ୍ ଉଚ୍ଚରେ ବନ୍ୟାଜଳ ଲହଡ଼ି ଭାଙ୍ଗୁଛି। କାଣୀ ନଦୀ ବନ୍ୟାଜଳରେ ମଲ୍ଲିକାପୁର-ପଲ୍ଲୀସାହି ରାସ୍ତା ଓ ମଲ୍ଲିକାପୁର ପୋଲ ବୁଡ଼ିବା ସହ ୪ ଫୁଟ୍ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଛି। ଦଶରଥପୁର-ଧୁଷୁରୀ ରାସ୍ତା ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଛି । ଦଶରଥପୁର ବ୍ଲକ୍‌ର ମଲ୍ଲିକାପୁରଠାରେ ଅବସ୍ଥିତ ଆଦର୍ଶ ବିଦ୍ୟାଳୟ କାଣୀ ନଦୀ ବନ୍ୟାରେ ବୁଡ଼ିରହିଛି। ବିଦ୍ୟାଳୟ ପରିସରରେ ଆଣ୍ଠୁଏ ଉଚ୍ଚରେ ବନ୍ୟାଜଳ ପ୍ରବେଶ କରିଛି। ବ୍ଲକ୍‌ର କସପା, ମଲ୍ଲିକାପୁର, ଦୁଦୁରାଅଣ୍ଟା, ଦଉପୁର, କୟାଁ, କମାରଡିହ, ଖାନନଗର, ସୁସୁଆ, ନିଜାମପୁର, ମଙ୍ଗଳପୁର, କନିକାପଡ଼ା, ଜୟନ୍ତରା ଓ କଟିକଟା ଆଦି ପଞ୍ଚାୟତରେ ୫୦ରୁ ଊର୍ଦ୍ଧ୍ୱ ଗାଁରେ ପାଣି ମାଡ଼ି ଯାଇଛି । ପ୍ରାୟ ୫ ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଚାଷ ଜମି ବନ୍ୟା ପାଣି ବୁଡ଼ିରହିଛି। ବ୍ୟାପକ ପରିବା ଫସଲ ନଷ୍ଟ ହୋଇଛି । ବ୍ଲକର ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ସଡ଼କ ଉପରେ ବନ୍ୟାପାଣି ଚାଲିଛି।

ବନ୍ୟା ସ୍ଥିତି ସମୀକ୍ଷା ପାଇଁ ଗୁରୁବାର ପୂର୍ବାହ୍ନରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର, ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର, ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ, ବରିଷ୍ଠ ନେତା ମୁକ୍ତିକାନ୍ତ ପଣ୍ଡା ପ୍ରମୁଖ ପ୍ରଭାବିତ କସପା, ମଲ୍ଲିକାପୁର ପଞ୍ଚାୟତର କାଣୀ ନଦୀର ଦୁର୍ବଳ ବନ୍ଧକୁ ବୁଲି ଦେଖିଥିଲେ। ପରେ କସପା ପଞ୍ଚାୟତ ଅଫିସ୍‌ଠାରେ ବିଧାୟକ ଓ ଜିଲାପାଳ ଏକ ସମୀକ୍ଷା ବୈଠକ କରି ଆବଶ୍ୟକ ବ୍ୟବସ୍ଥା କରାଯିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଶରତ ଚନ୍ଦ୍ର ଘଡେଇ ଦଶରଥପୁର ବନ୍ୟା ପରିସ୍ଥିତି ଉପରେ ସମ୍ପୂର୍ଣ୍ଣ ନଜର ରଖିବା ସହ ଯେ କୌଣସି ପ୍ରକାର ପରିସ୍ଥିତିକୁ ବିଭାଗ ପକ୍ଷରୁ ମୁକାବିଲା କରାଯିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ଲୁଣା, କରାଣ୍ଡିଆ ନଦୀକୂଳିଆ ଅଧିବାସୀ ଆତଙ୍କିତ

**ଡେରାବିଶ,୩।୮ (ବେବର୍ତ୍ତା ଅଜୟ ଦାସ)**

- ମହାନଦୀରେ ପ୍ରଥମ ବନ୍ୟାଜଳ
- ଜଳ ସମ୍ପଦ ବିଭାଗ, ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି

ମହାନଦୀରେ ବନ୍ୟାଜଳ ଛଡ଼ାଯିବା ପରେ ଗୁରୁବାର ପ୍ରଥମ ବନ୍ୟାଜଳ ଡେରାବିଶ ବ୍ଲକ ଅଧୀନ ଲୁଣା ଓ କରାଣ୍ଡିଆ ନଦୀରେ ପ୍ରବାହିତ ହୋଇଛି। ଫଳରେ ନଦୀକୂଳିଆ ଅଧିବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ସନ୍ଧ୍ୟା ସୁଦ୍ଧା ଲୁଣାନଦୀର ପୂବଂଶଠାରେ ବିପଦସଙ୍କେତ ୩୫.୨୮ ଫୁଟ ଥିବା ବେଳେ ୩୩.୫୦ ଫୁଟ ଜଳ ପ୍ରବାହିତ ହେଉଛି। ସେହିପରି ଦାନପୁରଠାରେ ବିପଦସଙ୍କେତ ୩୩.୬୫ ଥିବା ବେଳେ ବନ୍ୟାଜଳ ୩୧.୩୦ ଫୁଟ, ବସପୁରଠାରେ ବିପଦସଙ୍କେତ ୩୦ ଫୁଟ ଥିବା ବେଳେ ସନ୍ଧ୍ୟାରେ ୨୭ ଫୁଟ ଜଳ ପ୍ରବାହିତ ହେଉଥିବା କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି। ସନ୍ଧ୍ୟାରେ ମୁଣ୍ଡଳିଠାରେ ଛଡ଼ାଯାଇଥିବା ୯.୨୦ ଲକ୍ଷ କ୍ୟୁସେକ୍ ବନ୍ୟାଜଳ ଶୁକ୍ରବାର ମଧ୍ୟାହ୍ନରେ ଲୁଣା ଓ କରାଣ୍ଡିଆ ନଦୀରେ ପହଞ୍ଚିବ। ଏହାକୁ ଦୃଷ୍ଟିରେ ରଖି ଜଳସମ୍ପଦ ବିଭାଗର ସହକାରୀ ମୁଖ୍ୟଯନ୍ତ୍ରୀ ଆର୍ତ୍ତତ୍ରାଣ ସାହୁ, ଅଧୀକ୍ଷଣ ଯନ୍ତ୍ରୀ ସେଠୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ରାୟ ବିଭାଗୀୟ କର୍ମଚାରୀଙ୍କ ସହ ନଦୀବନ୍ଧର ଦୁର୍ବଳ ଥିବା ସ୍ଥାନଗୁଡ଼ିକ ପରଖିଛନ୍ତି। ଏଥିସହ ବ୍ଲକ ଅଧୀନ ଖିଲାରେଶ୍ୱର ପୀଠଠାରୁ ଗହଗା ଘାଟ ଯାଏ ରାତିରେ ଦୁର୍ବଳ ଥିବା ସ୍ଥାନଗୁଡ଼ିକ ନିକଟରେ ପର୍ଯ୍ୟାପ୍ତ ପରିମାଣରେ ବାଲି ବସ୍ତା ମହଜୁଦ ରଖାଯାଇଛି। ବିଭାଗୀୟ କର୍ମଚାରୀମାନେ ସମ୍ପୃକ୍ତ ଅଞ୍ଚଳର ନଦୀବନ୍ଧରେ ଉପସ୍ଥିତ ରହି କଡ଼ାକଡ଼ି ଭାବେ ନଜର ଦେବା ବ୍ୟବସ୍ଥା କରାଯାଇଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ରାୟ ପ୍ରକାଶ କରିଛନ୍ତି। ସେହିପରି ଲୁଣା, କରାଣ୍ଡିଆର ଦ୍ୱୀପାଞ୍ଚଳରେ ଥିବା ଇନ୍ଦାଳୋ ପଞ୍ଚାୟତ ପୁରୁଷୋତ୍ତମପୁର ଓ ବସପୁର ପଞ୍ଚାୟତର ଢିଅବସପୁର ଗାଁ ୨ଟି ଅଧିକ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ଥିବାରୁ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତିକୁ ଜୋରଦାର କରାଯାଇଛି।

ସନ୍ଧ୍ୟାରେ ବିଡିଓ ଦାଶରଥି ଜେନା ଓ ଏବିଡିଓ ଭଞ୍ଜ କିଶୋର ନାୟକ ସମ୍ପୃକ୍ତ ଗ୍ରାମ ୨ଟିକୁ ଯାଇ ଗ୍ରାମରେ ଥିବା ବନ୍ୟା ଆଶ୍ରୟସ୍ଥଳ, ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରକୁ ପ୍ରସ୍ତୁତ କରିବାକୁ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚଙ୍କୁ ବିଡିଓ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଆଶ୍ରୟସ୍ଥଳରେ ରନ୍ଧାଖାଦ୍ୟ, ଶୁଖିଲା ଖାଦ୍ୟ ସହ ଚାଉଳ, ଚୁଡ଼ା ଗୁରୁବାର ସୁଦ୍ଧା ମହଜୁଦ ରଖିବାକୁ ଯୋଗାଣ ନିରୀକ୍ଷକ, ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ ଓ ଅନ୍ୟ କର୍ମଚାରୀଙ୍କୁ ବିଡିଓ ଜେନା ନିର୍ଦ୍ଦେଶ ଦେଇଛନ୍ତି। କ୍ଷତିଗ୍ରସ୍ତ ହେବାକୁ ଥିବା ପରିବାରଙ୍କୁ ଶୁକ୍ରବାର ପୂର୍ବାହ୍ନ ସୁଦ୍ଧା ଉଚ୍ଚ ସ୍ଥାନକୁ ଆଣିବା ପାଇଁ ବ୍ୟବସ୍ଥା କରାଯାଇଛି। ଗୃହପାଳିତ ପ୍ରାଣୀମାନଙ୍କୁ ସୁରକ୍ଷିତ ରଖିବା ପାଇଁ ବ୍ୟବସ୍ଥା କରାଯାଇଥିବା ବିଡିଓ ଜେନା ସୂଚନା ଦେଇଛନ୍ତି। ଜେନାଙ୍କ ସୂଚନା ଅନୁଯାୟୀ, ଏହି ୨ଟି ଗ୍ରାମ ପାଇଁ ମାର୍ଶାଘାଇ ବ୍ଲକରୁ ୨ଟି ବଡ଼ ଡଙ୍ଗା ମଗାଯାଇଛି। ବନ୍ୟାରେ କ୍ଷତିଗ୍ରସ୍ତ ହେଉଥିବା ବ୍ଲକ ଅଞ୍ଚଳର ଏହି ୨ଟି ଗ୍ରାମ ପାଇଁ ଇନ୍ଦାଳୋ ଓ ବସପୁର ଆର୍‌ଆଇ ସର୍କଲ କାର୍ଯ୍ୟାଳୟରେ ପଲିଥିନ୍ ମହଜୁଦ ରଖାଯିବା ସହ ବନ୍ୟାପ୍ଲାବିତ ଲୋକଙ୍କୁ ଉଦ୍ଧାର କାର୍ଯ୍ୟରେ ସହାୟତା ପାଇଁ ଆସିଥିବା ଓଡ୍ରାଫ୍ ଟିମ୍ ଜିଲା ମୁଖ୍ୟ କାର୍ଯ୍ୟାଳୟରେ ପ୍ରସ୍ତୁତ ହୋଇ ରହିଛନ୍ତି। ତେବେ ସନ୍ଧ୍ୟାରେ ବିଡିଓ ଜେନା ଏ ନେଇ ଇନ୍ଦାଳୋ ସରପଞ୍ଚ ଜ୍ୟୋତ୍ସ୍ନାମୟୀ ବେହେରା, ପୂର୍ବତନ ସରପଞ୍ଚ ଅଶ୍ୱିନୀ ମହାନ୍ତି, ବସପୁର ସରପଞ୍ଚ କମଳା ଦାସ ଓ ପୂର୍ବତନ ସରପଞ୍ଚ ଅମୃତରାଜ ବେହେରାଙ୍କ ସମେତ ସମ୍ପୃକ୍ତ ପଞ୍ଚାୟତର କାର୍ଯ୍ୟନିର୍ବାହୀ, ଗ୍ରାମ ରୋଜଗାର ସେବକ, ଆର୍‌ଆଇଙ୍କ ସହ ଆଲୋଚନା କରିଛନ୍ତି। ଶୁକ୍ରବାର ମଧ୍ୟାହ୍ନରେ ବନ୍ୟାଜଳ ବିପଦସଙ୍କେତ ଉପରେ ପ୍ରବାହିତ ହେବାର ସମ୍ଭାବନା ରହିଛି।


ଲୁଣା ନଦୀରେ ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ ପ୍ରଶାସନିକ ଅଧିକାରୀ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବିଭୂତି


@ ଚିରଞ୍ଜୀବୀ


@ ହରିଶ


@ ନାଣ୍ଟୁ


@ ପ୍ରଦୀପ


@ ରଞ୍ଜିତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବ୍ରାହ୍ମଣୀ ପାଣି ଧୋୟାଞ୍ଚଳକୁ ବିଚ୍ଛିନ୍ନ କରିବ

**କେନ୍ଦ୍ରାପଡ଼ା ଜିଲାର ୩ ବ୍ଲକରେ ସ୍କୁଲ, ଅଙ୍ଗନୱାଡି ଛୁଟି**

- ୧୦ ସର୍ଚ୍ଚ ଆଣ୍ଡ ରେସକ୍ୟୁ ଟିମ୍ ଜିଲାରେ ପ୍ରସ୍ତୁତ

**କେନ୍ଦ୍ରାପଡ଼ା, ୩।୮ (ଜଗନ୍ନାଥ ଧଳ)**

ଲଗାଣ ବର୍ଷା ପରେ ମହାନଦୀରେ ବନ୍ୟା ଜଳ ଆସିଛି। ଗୁରୁବାର ସନ୍ଧ୍ୟା ସୁଦ୍ଧା ମୁଣ୍ଡଳୀଠାରେ ୯.୨୦ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେଉଛି ବୋଲି ଜଳ ସମ୍ପଦ ବିଭାଗ ସୂଚନା ଦେଇଛି। ସେହିପରି ରେଙ୍ଗାଲି ଗେଟ ଖୋଲିବା ପରେ ବ୍ରାହ୍ମଣୀରେ ପ୍ରଥମ ବନ୍ୟା ଜଳ ପ୍ରବାହିତ ହୋଇଛି । ଏହାପୂର୍ବରୁ ବୈତରଣୀରେ ବନ୍ୟା ଜଳ ପ୍ରବେଶ କରିଛି। ଫଳରେ ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ସିଷ୍ଟମରେ ଥିବା କେନ୍ଦ୍ରାପଡ଼ା ଜିଲାର ୭ ନଦୀ ଓ ୨୭ ଶାଖା ନାଳରେ ବନ୍ୟା ଜଳ ଆସିବା ଆରମ୍ଭ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ତତ୍ପର ହୋଇଛି। ମହାକାଳପଡ଼ା, ଗରଦପୁର ଓ ମାର୍ଶାଘାଇ ବ୍ଲକ ଅଞ୍ଚଳରେ ସ୍କୁଲ ଅଙ୍ଗନୱାଡିକୁ ଗୁରୁବାର ଅପରାହ୍ନ ୧ଟାଠାରୁ ଶୁକ୍ରବାର ପର୍ଯ୍ୟନ୍ତ ଛୁଟି ପାଇଁ ଚିଠି (ନଂ.୧୧୩୯୭/ ଏମ୍) କରିଛନ୍ତି। ସେହିପରି ଜିଲାରେ ୧୦ଟି ସର୍ଚ୍ଚ ଆଣ୍ଡ ରେସକ୍ୟୁ ଟିମ୍ ପ୍ରସ୍ତୁତ ହୋଇଛନ୍ତି। ଅପରପକ୍ଷରେ ବ୍ରାହ୍ମଣୀ ବନ୍ୟା ଜଳ ଧୋୟାଞ୍ଚଳକୁ ବିଚ୍ଛିନ୍ନ କରିବା ସହିତ ଫସଲ ନଷ୍ଟ ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ଜିଲାର ଲୁଣା ଓ କରାଣ୍ଡିଆ ଦ୍ୱୀପାଞ୍ଚଳରେ ଥିବା ୧୩ ରାଜସ୍ୱ ଗ୍ରାମବାସୀଙ୍କ ସ୍ୱାଭାବିକ ଜୀବନଯାତ୍ରାରେ ବ୍ୟାହତ ଆଣିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ବର୍ଷ ବର୍ଷ ଧରି ଏଠାକାର ଲୋକେ ମୌଳିକ ସମସ୍ୟାର ସମାଧାନ ପାଇଁ ଲଢୁଥିବା ବେଳେ ଲୁଣା ନଦୀର ଦକ୍ଷିଣ ବନ୍ଧ ବହୁ ସ୍ଥାନରେ ଦୁର୍ବଳ ଥିବାରୁ ବନ୍ୟା ଆଶଙ୍କା ରହିଛି। ସେହିପରି କରାଣ୍ଡିଆ ଆଡ଼ିବନ୍ଧର ମରାମତି ଅଧାରୁ ଥିବାରୁ ଯାତାୟାତରେ ବାଧା ସୃଷ୍ଟି ହେବ ବୋଲି ସ୍ଥାନୀୟ ଅଞ୍ଚଳବାସୀ ମତ ଦେଇଛନ୍ତି।

ଏ ସମ୍ପର୍କରେ ଆୟଉପୁରର ପିନାକୀ ସାମନ୍ତରାୟ କହିଛନ୍ତି, ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ଏହି ୧୩ ଗାଁ ଅବହେଳିତ ଅବସ୍ଥାରେ ଅଛି। ଏ ନେଇ ଦ୍ୱୀପାଞ୍ଚଳବାସୀ ବାରମ୍ବାର ରାଜନେତା ଓ ପ୍ରଶାସକଙ୍କ ଦ୍ୱାରସ୍ଥ ହେଉଥିଲେ ମଧ୍ୟ ଅଦ୍ୟାବଧି ସୁଫଳ ମିଳିନାହିଁ। ସହରଠାରୁ ମାତ୍ର ୧୦ କିଲୋମିଟର ଦୂରରେ ଥିବା ଏହି ଦ୍ୱୀପାଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳଯୋଗାଣ ଆଦି ମୌଳିକ ସମସ୍ୟା ଲାଗିରହିଛି। ଦ୍ୱୀପାଞ୍ଚଳର ୧୩ ଗ୍ରାମ ଏବେ ୩ ବ୍ଲକ ଅଧୀନ ୫ ପଞ୍ଚାୟତରେ ଅଛି। ଏହି ୧୩ ରାଜସ୍ୱ ଗ୍ରାମର ଗୋଟିଏ ପାର୍ଶ୍ୱରେ କରାଣ୍ଡିଆ ନଦୀ ଓ ଅନ୍ୟ ପାର୍ଶ୍ୱରେ ଲୁଣା ନଦୀ ପ୍ରବାହିତ ହେଉଛି। ଗ୍ରାମବାସୀଙ୍କ ମୁଖ୍ୟ ଜୀବିକା ପନିପରିବା ଚାଷ ହୋଇଥିବା ବେଳେ ଜଳସେଚନ ଓ ଉଠାଜଳସେଚନ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ବିଭିନ୍ନ ପ୍ରକଳ୍ପ ଶେଷ ହୋଇ ନାହିଁ। ସାମାଜିକ କର୍ମୀ ରମେଶ ଚନ୍ଦ୍ର ବାରିକ କହିଛନ୍ତି, ବନ୍ୟା ପ୍ରତିରୋଧ ପାଇଁ ଜିଲାରେ କୌଣସି ସ୍ୱତନ୍ତ୍ର ଯୋଜନା ନାହିଁ। ସାମାନ୍ୟ ବନ୍ୟା ଜଳ ଜିଲାର ୫୫ଟି ରାଜସ୍ୱ ଗ୍ରାମକୁ ପ୍ରତିଥର କବଳିତ କରୁଛି। ଧୋୟାଞ୍ଚଳ ବ୍ରାହ୍ମଣୀ ବନ୍ୟାରେ ଫସଲ ନଷ୍ଟ କରିବ। ଏପରିକି ସିଂହଗାଁ ପଞ୍ଚାୟତକୁ ବାହ୍ୟ ଜଗତରୁ ବିଚ୍ଛିନ୍ନ କରିବ। ବେଆଇନ ବାଲି ଚାଲାଣ ନଦୀ ବନ୍ଧକୁ ଦୁର୍ବଳ କରିଛି। କରାଣ୍ଡିଆ ନଦୀ ଉପରେ ଏକ ପଥର ଆଡ଼ିବନ୍ଧ ନିର୍ମାଣ ଅଧାରେ ଅଟକି ଯାଇଛି। ଲୁଣାନଦୀର ବାମପାର୍ଶ୍ୱ ସୁଦୃଢ଼ ହେଉଥିବା ବେଳେ ଦକ୍ଷିଣପାର୍ଶ୍ୱ ବନ୍ଧର ବହୁ ସ୍ଥାନ ଦୁର୍ବଳ ଅଛି। ମହାନଦୀ ସିଷ୍ଟମରେ ବନ୍ୟାଜଳ ପ୍ରବାହିତ ହେଲେ ଦ୍ୱୀପାଞ୍ଚଳବାସୀଙ୍କ ପାଇଁ ବିପଦ ଘନେଇ ଆସୁଛି। ସେହିପରି ଡିହବଳରାମପୁର ଗ୍ରାମର ରମେଶ ଚନ୍ଦ୍ର ସାହାଣୀ କହିଛନ୍ତି, ଦ୍ୱୀପାଞ୍ଚଳରେ ଲୁଣାନଦୀ ବାମପାର୍ଶ୍ୱ ବନ୍ଧର ଲମ୍ବ ୫ କିଲୋମିଟର। ଏଥିରୁ ପ୍ରଥମ ୨ କିଲୋମିଟର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ବେଳେ ଅବଶିଷ୍ଟ ବନ୍ଧ ଜଳସମ୍ପଦ ବିଭାଗ ଅଧୀନରେ ଅଛି। ବିଭିନ୍ନ ସମୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନଦୀବନ୍ଧ ନିର୍ମାଣ ପାଇଁ ଟେଣ୍ଡର ହେଉଥିଲେ ମଧ୍ୟ ପ୍ରକଳ୍ପ ଅଧାପନ୍ତରିଆ ରହୁଛି। ଅପରପକ୍ଷରେ ଜଳସେଚନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜଳସମ୍ପଦ ବିଭାଗ ଅଧୀକ୍ଷକ ଯନ୍ତ୍ରୀ ଇଂ. ଉମେଶ କୁମାର ସେଠୀଙ୍କୁ ପଚାରିବାରେ ଚଳିତବର୍ଷର ବନ୍ୟା ସମ୍ପର୍କରେ ବିଭିନ୍ନ ବୈଠକରେ ଆଲୋଚନା ହୋଇଛି। ମଧ୍ୟମ ଧରଣର ବନ୍ୟା ହେତୁ ଜିଲାରେ କୌଣସି ବିଶେଷ କ୍ଷତି ହେବନି ବୋଲି ସେ କହିଛନ୍ତି।


ଗରଦପୁର ରାସ୍ତା ଉପରେ ପାଣି।

# ଦବିଲା କୁଆଁରିଆ ସେତୁ

ଖଣ୍ଡପଡ଼ା,୩।୮
(ଅଜୟ କୁମାର ମହାରଣା)

- ଖଳିସାହି- ଆଡକଟା ରାସ୍ତାରେ ଯାତାୟାତ ବନ୍ଦ
- ବିପଦକୁ ଦୃଷ୍ଟିରେ ରଖି ଯାତାୟାତରେ ରୋକ୍ ଲଗାଇଲା ପ୍ରଶାସନ


କୁଆଁରିଆ ସେତୁ ମଝିରୁ ଦବିଯାଇଛି।

ଖଣ୍ଡପଡ଼ା ବ୍ଲକ୍ ଅଧୀନ ଖଳିସାହିରୁ କୋସକା, ଆଡକଟା ଦେଇ ଦଶପଲ୍ଲା ଅଞ୍ଚଳକୁ ସଂଯୋଗ କରୁଥିବା ରାସ୍ତାରେ ଥିବା କୁଆଁରିଆ ସେତୁଟି ଗୁରୁବାର ଦବି ଯାଇ ବିପଦଶଙ୍କୁଳ ଅବସ୍ଥାରେ ରହିଛି। ଉକ୍ତ ରାସ୍ତା ଦେଇ ଯାତାୟତ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ବିପଦର ଆଶଙ୍କା ଥିବାରୁ ପ୍ରଶାସନ ପକ୍ଷରୁ ସେତୁର ଉଭୟ ପାର୍ଶ୍ୱକୁ ବନ୍ଦ କରାଯାଇଛି ବୋଲି ଖଣ୍ଡପଡ଼ା ତହସିଲଦାର ଲିପ୍ସା ରାୟ ଓ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହ ଯନ୍ତ୍ରୀ ଇଂ. ରାଧାଶ୍ୟାମ କାଲୋ ସୂଚନା ଦେଇଛନ୍ତି।

ଆଦିବାସୀ ଅଧୁଷିତ ଅଞ୍ଚଳକୁ ଗମନା ଗମନର ସୁବିଧା ପାଇଁ ବହୁ ବର୍ଷ ପୂର୍ବରୁ ଖଣ୍ଡପଡା ବ୍ଲକ ଅଧୀନ ଖଳିସାହିରୁ ଆଡକଟାକୁ ସଂଯୋଗ କରୁଥିବା ରାସ୍ତାର କୋସକା ଗ୍ରାମ ନିକଟରେ କୁଆଁରିଆ ପୋଲ ନିର୍ମାଣ କରାଯାଇଥିଲା। ଧିରେ ଧିରେ ସେହି ପୋଲ ବିପଦ ଶଙ୍କୁଳ ହୋଇପଡିଥିଲା। ଉକ୍ତ ରାସ୍ତା ଦେଇ ଦଶପଲ୍ଲା ଓ ଗଣିଆ ଉଭୟ ଅଞ୍ଚଳକୁ ଦୈନିକ ଅନେକ ଭାରିଯାନ, ଯାତ୍ରୀବାହୀ ବସ ଚଳାଚଳ କରିଥାଆନ୍ତି। ହେଲେ କୁଆଁରିଆ ପୋଲର ଦୁରାବସ୍ଥାକୁ ନେଇ ଗାଡ଼ି ଚାଳକମାନେ ପ୍ରତି ମୂହୁର୍ତ୍ତରେ ପ୍ରମାଦ ଗଣୁଥିଲେ। ସେତୁ ଉପରି ଭାଗର ବିଭିନ୍ନ ସ୍ଥାନରେ ଖାଲ ସୃଷ୍ଟି ହୋଇ ଯାନବାହନ ଚଳାଚଳରେ ସମସ୍ୟା ସୃଷ୍ଟି କରୁଥିଲା। ପୂର୍ତ୍ତ ବିଭାଗ ଅଧୀନରେ ଥିବା ସଂପୃକ୍ତ ଲୋଲେବୁଲ କୁଆଁରିଆ ସେତୁଟି ବନ୍ୟା ସମୟରେ ବୁଡି ଏହାରି ଉପରେ ୫ଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ହୋଇଥାଏ। ଫଳରେ ଯାତାୟତରେ ସମସ୍ୟା ସୃଷ୍ଟି କରିଥାଏ। ସେତୁର ନିମ୍ନ ଭାଗ ଦୁର୍ବଳହୋଇ ପଡିଥିବା ବେଳେ ନଦୀ ମଧ୍ୟରେ ଥିବା ପିଲରଗୁଡିକ ମଧ୍ୟ ଦୁର୍ବଳ ହୋଇପଡିଥିବା ଅଭିଯୋଗ ହୋଇଆସୁଥିଲା। ଦୀର୍ଘ ୫୦ବର୍ଷରୁ ଊର୍ଦ୍ଧ୍ୱ ଏହି ପୁରାତନ ଲୋଲେବଲ ସେତୁର ନବୀକରଣ ଦିଗରେ ଅଞ୍ଚଳବାସୀ ଦାବି କରିଥିଲେ। ଉକ୍ତ ସେତୁର ଉଚ୍ଚତା ବୃଦ୍ଧି ନିମନ୍ତେ ଖଣ୍ଡପଡା ସମେତ କୁମ୍ଭାରପଡା, ବଳଭଦ୍ର ପ୍ରସାଦ, କୋସକା, କିଆଝର, ସିଂଘାପଡା, ଗଡିଆସାହି. ଆଡକଟା ଆଦି ଆଖପାଖ ଅଞ୍ଚଳର ବାସିନ୍ଦା ଦୀର୍ଘ ବର୍ଷ ଧରି ଦାବି କରି ଆସୁଥିଲେ ହେଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଆଦୌ ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି। ଏନେଇ 'ଖାଲଖମାରେ ପୂର୍ଣ୍ଣ କୁଆଁରିଆ ସେତୁ ନବୀକରଣ ଲାଗି ଅଞ୍ଚଳବାସୀଙ୍କ ଦାବି' ଶୀର୍ଷକ ଏକ ରିପୋର୍ଟ ଗତ ଜୁଲାଇ ୨୫ ତାରିଖ ଧରିତ୍ରୀରେ ପ୍ରକାଶ ପାଇଥିଲା। ଗତ ୨ ଦିନ ଧରି ଲଗାଣ ବର୍ଷା ଫଳରେ କୁଆଁରିଆ ନଦୀରେ ବନ୍ୟା ପାଣି ପ୍ରବାହିତ ହେବା ସହ ନଦୀର ପ୍ରଖର ସ୍ରୋତରେ ସେତୁର ମଧ୍ୟ ଭାଗରେ ଥିବା ୨ ପିଲର ଭାଙ୍ଗି ଯିବା ଫଳରେ ସେତୁଟି ଦବି ଯାଇଛି। ଖବର ପାଇ ଖଣ୍ଡପଡା ତହସିଲଦାର ଲିପ୍ସା ରାୟ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ରାଧେଶ୍ୟାମ କାଲୋ ଓ ପୋଲିସ ପ୍ରଶାସନିକ ଅଧିକାରୀ ମାନେ ପହଁଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. କାଲୋ କହିଛନ୍ତି, ଏକ ନୂତନ ହାଇ ଲେବୁଲ ସେତୁ ନିର୍ମାଣ ନିମନ୍ତେ ଆବଶ୍ୟକ କାଗଜପତ୍ର କାମ ସମ୍ପନ୍ନ ହୋଇ ଟେଣ୍ଡର ପ୍ରକ୍ରୀୟା କାର୍ଯ୍ୟ ଚାଲୁ ରହିଛି। ଖୁବ୍ ଶୀଘ୍ର ଏଥିପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି


ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ।

ନୂଆଗାଁ,୩।୮(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ଗୁରୁବାର ବ୍ଲକ ସଭାଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ କିଭଳି ସ୍ୱାଧୀନତା ଦିବସ ପାଳନ କରାଯିବ ସେ ନେଇ ବିଭିନ୍ନ ସ୍କୁଲ କଲେଜର ଶିକ୍ଷୟିତ୍ରୀ ଶିକ୍ଷକ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଅଧିକାରୀ, ବରିଷ୍ଠ ନାଗରିକ, ଅଞ୍ଚଳର ବୁଦ୍ଧିଜୀବି, ଗଣ ମାଧ୍ୟମର ପ୍ରତିନିଧିମାନଙ୍କୁ ନେଇ ସବିଶେଷ ଆଲୋଚନା କରାଯାଇଥିଲା। ତେବେ ସ୍କୁଲ କଲେଜର ଛାତ୍ରୀଛାତ୍ରମାନଙ୍କୁ ନେଇ ବ୍ଲକସ୍ତରୀୟ ପ୍ୟାରେଡ ହେଉଥିବା ପଡ଼ିଆଟି ପାଣି କାଦୁଅରେ ପୂର୍ଣ୍ଣ ହୋଇଛି। ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ପ୍ୟାରେଡ କରିବା ସମ୍ଭବ ନୁହେଁ ବୋଲି ଉପସ୍ଥିତ ଥିବା ସଭ୍ୟମାନେ କହିଥିଲେ। ସେହି ପଡିଆରେ କିଛି ବାଲି ପକାଇବା ପାଇଁ ପ୍ରସ୍ତାବ ଆଗତ କରାଯାଇଥିଲା। ତେଣୁ ପଡ଼ିଆରେ ବାଲି ପକାଇବା ଦାୟିତ୍ୱ ତହସିଲ କାର୍ଯ୍ୟାଳୟକୁ ଦିଆଯାଇଥିଲା। ପ୍ରତିବର୍ଷ ଅପେକ୍ଷା ଚଳିତ ବର୍ଷ ସ୍ୱାଧୀନତା ଦିବସକୁ ଅଧିକ ଆକର୍ଷଣୀୟ କରିବା ପାଇଁ ନୂଆଗାଁ ବିଡିଓ ସଚ୍ଚିଦାନନ୍ଦ ମିଶ୍ର ପୋଲିସ ପ୍ରଶାସନ, ରାଜସ୍ୱ ବିଭାଗ, ଅଗ୍ନିଶମ ବିଭାଗର ଅଧିକାରୀ ଓ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ସହଯୋଗ କାମନା କରିଥିଲେ। ସକାଳ ୫ଟାରେ ରାମଧୂନ ପରିବେଷଣ କରାଯିବ। ପରେ ସ୍କୁଲ କଲେଜ ଛାତ୍ରୀଛାତ୍ର ପ୍ରଭାତ ଫେରିରେ ବାହାରିବେ। ୮ଟା ସମୟରେ ବ୍ଲକ ପରିସରରେ ବିଡିଓଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ। ସକାଳ ୯ ଟା ସମୟରେ ସ୍କୁଲ ପଡ଼ିଆରେ ସମୂହ ପ୍ୟାରେଡ ଅନୁଷ୍ଠିତ ହେବ। ମୂଖ୍ୟ ଅତିଥି ବ୍ଲକ ଅଧ୍ୟକ୍ଷାଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ ଓ ଅଭିଭାଷଣ ଦେବାର କାର୍ଯ୍ୟକ୍ରମ ରହିଛି।

ଉକ୍ତ ବୈଠକ ଶେଷ ହେବା ପରେ ବିଡିଓ ମିଶ୍ର, କନିଷ୍ଠ ଯନ୍ତ୍ରୀ ନେତ୍ରାରଞ୍ଜନ ମିଶ୍ର, ନିର୍ବାହୀ ଯନ୍ତ୍ରୀ ରାଜେନ୍ଦ୍ର ପଣ୍ଡା, ଅତିରିକ୍ତ ତହସିଲଦାର କବିରାଜ ସେଠୀ ପ୍ୟାରେଡ ହେବାକୁ ଥିବା ପଡ଼ିଆର ସ୍ଥିତି ଅନୁଧ୍ୟାନ କରିଥିଲେ। ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଡିଓ ମିଶ୍ର, ନୂଆଗାଁ ଥାନାଧିକାରୀ ନାରାୟଣ ଚନ୍ଦ୍ର ଲେଙ୍କା, ଅତିରିକ୍ତ ତହସିଲଦାର ସେଠୀ, ନୂଆଗାଁ ବ୍ଲକ ନିର୍ବାହୀ ଯନ୍ତ୍ରୀ ପଣ୍ଡା, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଭିକାରୀ ଚରଣ ସ୍ୱାଇଁ, ବ୍ଲକ କର୍ମଚାରୀ ସମୂହ ଯୋଗ ଦେଇଥିବା ବେଳେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସ୍ୱର୍ଣ୍ଣ ସାରିକା ଜେନା ବୈଠକ ପରିଚାଳନା କରିଥିଲେ।

# ମହାନଦୀ, କମେଇ ବିପଦ ସଙ୍କେତ ଉପରେ

ଖଣ୍ଡପଡ଼ା,୩।୮
(ଅଜୟ କୁମାର ମହାରଣା)

**ହଜାରରୁ ଊର୍ଦ୍ଧ୍ୱ ଏକର ଜମି ବୁଡ଼ି ରହିଛି**

ଗତ ୩ ଦିନ ହେବ ଲଘୁଚାପ ଜନିତ ତଥା ମହାନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ଫଳରେ ମହାନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ମହାନଦୀର ବିପଦ ସଙ୍କେତ ଜଳପତ୍ତନ ୪୭.୯୮ ମିଟର ରହିଥିବା ବେଳେ ଗୁରୁବାର ସନ୍ଧ୍ୟା ସୁଦ୍ଧା ୪୮.୩୦ ମିଟର ଓ କମେଇ ନଦୀର ଜଳ ପତ୍ତନ ବିପଦ ସଙ୍କେତ ଉପରେ ରହିଥିବା ବିଭାଗୀୟ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ। ମହାନଦୀ ଓ କମେଇ ନଦୀର ବନ୍ୟାଜଳ ଆଖପାଖରେ ଥିବା ସମସ୍ତ ଶସ୍ୟକ୍ଷେତ ଉପର ଦେଇ ହାଇସ୍କୁଲ ନିକଟ ପଲଟନ ପଡ଼ିଆକୁ ସମ୍ପୂର୍ଣ୍ଣ ବୁଡାଇ ରଖିଛି। ସଂପ୍ରତି ନଦୀକୂଳିଆ ଚାଷୀମାନେ ପନି ପରିବା, ମକା ଆଦି ଫସଲ କରିଥିଲେ। ସିଧାମୂଳା ପଞ୍ଚାୟତ ଅଧିନ ହଟିଆପଲ୍ଲୀ, ରାଜକିଆରୀ ଓ ବାରପୁରିକିଆ ଗହୀର ଜମିରେ ପାଣି ଜମି ରହିଛି। ମହାନଦୀ କମେଇ ନଦୀ କୂଳରେ ଥିବା ଜମିରେ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ଚାଷୀମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦେଇଛି। ବନ୍ୟାଜଳ ଅନେକ ଏକର ଧାନ, ଆଖୁ, ମକା, ଓ ପନି ପରିବା ଫସଲକୁ ବୁଡାଇ ରଖିଛି। ଗୁରୁବାର ଜଳ ସଂପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ.ଭଗବାନ ଦାସ, ନୟାଗଡ଼ ଉପଖଣ୍ଡ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ପ୍ରାଣକୃଷ୍ଣ ବେହେରା, କଣ୍ଟିଲୋ ସେକ୍ସନ ସହକାରୀ ଯନ୍ତ୍ରୀ ରାମ ମୋହନ ବେହେରା ବନ୍ୟା ପ୍ରଭାବିତ ପଦ୍ମାବତୀ, କରବର, ବଡ଼ବର, ମାଧପୁର, ପଥରଚକଡା, ଧାନଚେଙ୍ଗଡା, କଣ୍ଟିଲୋ, ବାଣପୁର ସିଧାମୂଳା ଆଦି ଅଞ୍ଚଳ ପରିଦର୍ଶନ କରିଛନ୍ତି। କଣ୍ଟିଲୋ ପ୍ରତି ସେପରି କିଛି ବିପଦ ନାହିଁ ବୋଲି କଣ୍ଟିଲୋ ଜଳ ସଂପଦ ବିଭାଗ ସହକାରୀ ଯନ୍ତ୍ରୀ ବେହେରା ସୂଚନା ଦେଇଛନ୍ତି।


ଚାଷଜମିରେ ବନ୍ୟାଜଳ ମାଡ଼ିଯାଇଛି।

# ସରକାରୀ ସହାୟତା ଅପେକ୍ଷାରେ ପକ୍ଷାଘାତ ରୋଗୀ

ଖଣ୍ଡପଡ଼ା,୩।୮
(ଅଜୟ କୁମାର ମହାରଣା)


ରୋଗ ଶଯ୍ୟାରେ ମାନସ ନାଏକ।

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍ ଶିଖରପୁର ପଞ୍ଚାୟତ ଉଜୁଳାଙ୍ଗ ଗ୍ରାମର ନୟା ନାଏକଙ୍କ ପୁଅ ମାନସ(୨୪) ଅତ୍ୟନ୍ତ ଗରିବ। ଏଥିପାଇଁ ସେ ନିଜ ପକ୍ଷଘାତ ରୋଗର ଚିକିତ୍ସା ଆଜି ପର୍ଯ୍ୟନ୍ତ କରି ପାରିନାହାନ୍ତି। ଭାଗ୍ୟ ଓ ଭଗବାନଙ୍କୁ ଆଶ୍ରା କରି ଆଜି ପର୍ଯ୍ୟନ୍ତ ରୋଗ ସହିତ ଯୁଦ୍ଧ କରି ଚାଲିଛନ୍ତି। ଏତିକିରେ କଥା ଅଟକି ଯାଇନି। ରୋଗ ସହିତ ଭୋକ ବି ତାଙ୍କ ଜୀବନକୁ ଛଟପଟ କରି ଚାଲିଛି। ଏ ସଂକ୍ରାନ୍ତରେ ସେ ଜିଲା ପ୍ରଶାସନକୁ ବାରମ୍ବାର ଜଣାଇ ଆସିଛନ୍ତି। କିଛି ନ ହେଲେ ମଧ୍ୟ ସରକାରୀ ସହାୟତା ମିଳିଲେ ରୋଗର ଉଚ୍ଚତର ଚିକିତ୍ସା କରିପାରିବେ ବୋଲି ଆଶା ବାନ୍ଧିଛନ୍ତି। ହେଲେ ଅଦ୍ୟାବଧି ତାଙ୍କୁ କୌଣସି ସରକାରୀ ସହାୟତା ରାଶି ମିଳିନାହିଁ।

ମାନସଙ୍କ ଏପରି ଅବସ୍ଥା ଦେଖି ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି। ରୋଗ ଉପଶମ ନିମନ୍ତେ ପରିବାରବର୍ଗ କିଛିଟା ଆର୍ଥିକ ସହାୟତା ରାଶି ପାଇବା ଆଶାରେ ବହୁବାର ନୟାଗଡ଼ ଜିଲାପାଳଙ୍କୁ ଭେଟି ଦୁଃଖ ଜଣାଇଛନ୍ତି। ହେଲେ କୌଣସି ସୁଫଳ ମିଳି ନାହିଁ। କେନ୍ଦ୍ର ଓ ରାଜ୍ୟ ସରକାର ଦାରିଦ୍ର୍ୟର ସୀମାରେଖା ତଳେ ଥିବା ଲୋକମାନଙ୍କ ପାଇଁ ବିଭିନ୍ନ ଜନକଲ୍ୟାଣ ଯୋଜନା ପ୍ରଣୟନ କରିଛନ୍ତି। ମାତ୍ର ପ୍ରଶାସନିକ ଅଧିକାରୀଙ୍କ ଆନ୍ତରିକତା ଅଭାବରୁ ସମସ୍ତ କଲ୍ୟାଣକାରୀ ଯୋଜନା ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚି ପାରୁ ନ ଥିବା ଅଭିଯୋଗ ହେଉଛି। ବାରମ୍ବାର ଦୃଷ୍ଟି ଆକର୍ଷଣ କରାଗଲେ ମଧ୍ୟ ପଞ୍ଚାୟତ ଜନପ୍ରତିନିଧି ନତୁବା ପ୍ରଶାସନିକ ଅଧିକାରୀ କେହି ହେଲେ ମାନସଙ୍କ ପ୍ରତି ଦୃଷ୍ଟି ଦେଉ ନ ଥିବା ଗ୍ରାମବାସୀ କହିଛନ୍ତି।। ନୟାଗଡ଼ ଜିଲାପାଳ ଓ ଜିଲାମୁଖ୍ୟ ଚିକିତ୍ସା ଅଧିକାରୀ ମାନସଙ୍କ ରୋଗର ଚିକିତ୍ସା ବ୍ୟବସ୍ଥା କରିବା ସହିତ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

## ଏକାଧିକ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ

ଭାପୁର,୩।୮(ଭରତ କୁମାର ବେହେରା)

ଲଘୁଚାପଜନିତ ବର୍ଷା ଯୋଗୁ ଭାପୁର ବ୍ଲକ୍‌ର ମହାନଦୀ କୂଳରେ ଥିବା ଅନେକ ପଞ୍ଚାୟତ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି। ଭାପୁର ବ୍ଲକ ଫତେଗଡ ପଞ୍ଚାୟତ ମଣିପୁର ଗ୍ରାମ ବର୍ତ୍ତମାନ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ମଣିପୁରଠାରୁ କଳିଗିରି ରାସ୍ତା ଉପରେ ୩ ଫୁଟ ଉଚ୍ଚର ପାଣି ପ୍ରବାହିତ ହେଉଛି। କେନ୍ଦୁପଲ୍ଲୀ ପଞ୍ଚାୟତର ହନୁମନ୍ତପ୍ରସାଦ ଗ୍ରାମରେ ବିଲବାଡ଼ି ବୁଡିଯାଇଛି । କରବର ପଞ୍ଚାୟତର ବିଭିନ୍ନ ଗ୍ରାମରେ ପାଣି ପଶିଯାଇଛି । କାଳିଗିରୀ ବ୍ରିଜ ଉପରେ ୫ ଫୁଟରୁ ଊର୍ଦ୍ଧ୍ୱ ପାଣି ପ୍ରବାହିତ ହେଉଥିବାରୁ ବୈଦ୍ୟେଶ୍ୱର ଓ କରବର ବିଚ୍ଛିନ୍ନ ହୋଇଛି। ଏହି ରାସ୍ତା ଦେଇ କଟକ,ବାଙ୍କୀ ଠାରୁ ଦଶପଲ୍ଲା ପର୍ଯ୍ୟନ୍ତ ଯାତାୟତ ବାଧାପ୍ରାପ୍ତ ହୋଇଛି। ଫତେଗଡ ଗ୍ରାମପଞ୍ଚାୟତର ମଣିପୁର ଗ୍ରାମ ସମ୍ପୂର୍ଣ୍ଣ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି। ଶତାଧିକ ଚାଷଜମି ପାଣିଘେରରେ ବୁଡ଼ି ରହିଛି। ଧାନଚାଷ, ବିଭିନ୍ନ ପନିପରିବା, ଆଖୁଫସଲ ପାଣି ଘେରରେ ବୁଡ଼ିରହିବା ଫଳରେ ସେଗୁଡିକ ନଷ୍ଟ ହୋଇଯିବା ଆଶଙ୍କା ରହିଛି। ସେଠାର ଜନସାଧାରଣ ଭୟଭୀତ ହୋଇପଡିଛନ୍ତ। ମହାନଦୀର ଜଳସ୍ତର ବିଳମ୍ବିତ ରାତିରେ ବଢ଼ିବ ବୋଲି ଆଶଙ୍କା କରାଯାଉଛି। ଆଜି ପୂର୍ବାହ୍ନରେ ନୟାଗଡ଼ ଜିଲ୍ଲାପାଳ ରବୀନ୍ଦ୍ର ନାଥ ସାହୁ, ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ବିଡ଼ିଓ ରଣଜିତ୍ କୁମାର ମଲିକ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ କୁମାର ନାୟକ, କରବର, ମାଣିତ୍ରୀ ଗ୍ରାମରେ ପହଞ୍ଚି ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ। ଏନେଇ ବିଡ଼ିଓଙ୍କୁ ପଚାରିବାରୁ ସେ କହିଛନ୍ତି, ଆମେ ସଜାଗ ରହିଛୁ। ସେପରି କୌଣସି ବିପଦ ବର୍ତ୍ତମାନ ସୁଦ୍ଧା ନାହିଁ। ଆମର ସମସ୍ତ ଟିମ, କର୍ମଚାରୀ ସଜାଗ ହୋଇରହିଛି।

# ପୋଲ ଜବରଦଖଲ ଯୋଗୁ ଗାଁରେ ଆବର୍ଜନା ପାଣି

ଭାପୁର,୩।୮(ଭରତ କୁମାର ବେହେରା)

- ଗତବର୍ଷ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିଲା
- ଲୋକଙ୍କ ସମସ୍ୟା ପ୍ରତି ପ୍ରଶାସନ ନୀରବ

ନୟାଗଡ଼ ଜିଲା ଭାପୁର ବ୍ଲକ ଶାଳପଡ଼ା ପଞ୍ଚାୟତ ବାରବାଟୀ ଓ ନୂଆଗାଁରେ ଥିବା ପୋଲଗୁଡ଼ିକ ଜବରଦଖଲରେ ରହିଛି। କେତେଜଣ ବ୍ୟକ୍ତି ଦୀର୍ଘଦିନ ସେହି ପୋଲକୁ ଅବରୋଧ କରିଥିବାରୁ ଗ୍ରାମ ଭିତରେ ଗୋଇସିଙ୍ଗ ପାହାଡ଼ ଓ ଜଙ୍ଗଲର ଆବର୍ଜନା ପାଣି ପଶୁଛି। ଏହାର ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀ ବାରମ୍ବାର ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ହେଲେ କୌଣସି ସୁଫଳ ମିଳି ନ ଥିବା ଗ୍ରାମବାସୀ କହିଛନ୍ତି।

ସୂଚନା ଅନୁଯାୟୀ, ଭାପୁର ବ୍ଲକ୍ ଶାଳପଡ଼ା ପଞ୍ଚାୟତ ବାରବାଟୀ ଓ ନୂଆଗାଁ ପାଖାପାଖି ରହିଛି। ବର୍ଷା ହେଲେ ଗୋଇସିଙ୍ଗ ଜଙ୍ଗଲର ପାଣି ଆସି ୨ ପୋଲ ଦେଇ ଗହୀରକୁ ଚାଲି ଯାଉଥିଲା। ସେହି ଅଞ୍ଚଳର ଜନସଂଖ୍ୟା ବଢ଼ିବା ପରେ ଚାଷଜମିରେ ଲୋକମାନେ ଘର କରିଛନ୍ତି। ଫଳରେ ଜଳ ନିଷ୍କାସନ ହେଉଥିବା ପୋଲଗୁଡ଼ିକୁ ସମ୍ପୂର୍ଣ୍ଣ ଅବରୋଧ ହୋଇ ରହିଛି। ଫଳରେ ଗୋଇସିଙ୍ଗ ପାହାଡ଼ ପାଣି ଓ ଗହୀରର ଆବର୍ଜନା ପାଣି କୁଆଡେ ଯାଇ ନ ପାରି ବାରବାଟୀ ଗ୍ରାମ ଦେଇ ନୂଆଗାଁ ଭିତରେ ପଶି ଦୀର୍ଘ ଦିନ ପର୍ଯ୍ୟନ୍ତ ଜମି ରହୁଛି। ସେହି ପାଣି ନୂଆଗାଁ ହାଇସ୍କୁଲ ପରିସରରେ ବି ଜମିଛି। ଫଳରେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ, ଶିକ୍ଷକ ସ୍କୁଲକୁ ଯାତାୟତ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସଂକ୍ରାନ୍ତରେ ଗ୍ରାମବାସୀ ବାରମ୍ବାର ଭାପୁର ବିଡ଼ିଓଙ୍କୁ ଜଣାଇ ଆସିଛନ୍ତି। ହସିଲଦାରଙ୍କୁ ବି ଦୃଷ୍ଟି ଆକର୍ଷଣ କରାଯାଇଛି। କନିଷ୍ଠ ଯନ୍ତ୍ରୀ ବି ସ୍ଥିତି ଅନୁଧ୍ୟାନ କରିବା ସହ ପୋଲ ଅବରୋଧ କରିଥିବା ବ୍ୟକ୍ତିମାନଙ୍କୁ ଡାକି ଆଲୋଚନା କରିଛନ୍ତି । ଦୁଇଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ ହୋଇଯିବ ବୋଲି କହିଥିଲେ। ହେଲେ କିଛି ହୋଇନାହିଁ। ଗତବର୍ଷ ଏହି ପାଣିରେ ପଡି ସେହି ଗ୍ରାମର ଗଦାଧର ନାୟକଙ୍କ ସ୍ତ୍ରୀ ମାଳତୀ ଗୁରୁତର ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ତତ୍କାଳୀନ ତହସିଲଦାର ଗ୍ରାମକୁ ଯାଇ ତଦନ୍ତ କରିଥିଲେ। ଗ୍ରାମବାସୀ ବ୍ଲକ ପ୍ରଶାସନ ଓ ଜିଲା ପ୍ରଶାସନ ନିକଟରେ ଅଭିଯୋଗ ମଧ୍ୟ କରିଥିଲେ। ହେଲେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏବେ ବି ଗାଁରେ ୩ ଫୁଟ ଉଚ୍ଚର ପାଣି ଜମି ରହିଛି। ଏହି ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।


ଗାଁରେ ଜମି ରହିଥିବା ଆବର୍ଜନା ପାଣି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବିଭୂତି


@ ଚିରଞ୍ଜୀବ


@ ହରିଶ


@ ନାଣ୍ଟୁ


@ ପ୍ରଦୀପ


@ ରଞ୍ଜିତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

